ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.114 Bhubaneswar Tuesday, June 15, 2021 | ୨୪ତମ ବର୍ଷ ସଂଖ୍ୟା–୧୧୪ ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS



ଭୁବନେଶ୍ୱରର ପାନ୍ଥନିବାସରେ ଆୟୋଜିତ ଓଡିଶାର ନିଜସ୍ୱ କୃଷିଭିତିକ ପର୍ବ ରଜ ମହୋତ୍ସବ–୨୦୨୧ ଉପଲକ୍ଷେ କରୋନା କଟକଣା ଯୋଗୁଁ କୁନି ଝିଅଟି ଏକୁଟିଆ ଦୋଳି ଖେଳୁଛି

## ୧୬ରୁ ଖୋଲିବ ଐତିହ୍ୟସ୍ଥଳୀ

ଭୁବନେଶ୍ୱର, ୧୪।୬(ପି.ଏନ): ଆସନ୍ତା ୧୬ ତାରିଖଠାରୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଐତିହ୍ୟସ୍ଥଳୀ ଖୋଲିବ। ତେବେ ଏଗୁଡ଼ିକ ଖୋଲିଲେ ମଧ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରୋନା ନିୟମାବଳୀ ପାଳନ ହେବ। ଏସମ୍ପର୍କରେ ସୋମବାର ଦିନ ଭାରତୀୟ ପ୍ରତ୍ନତତ୍ୱ ବିଭାଗ (ଏଏସଆଇ) ପକ୍ଷରୁ ସୂଚନା ଦିଆଯାଇଛି। କରୋନା ସଂକ୍ରମଣ ପାଇଁ ଗତ ଏପ୍ରିଲ ୧୫ରୁ ରାଜ୍ୟର ପ୍ରମୁଖ ଐତିହ୍ୟସ୍ଥଳୀଗୁଡ଼ିକ ବନ୍ଦ ରହିଛି। ଓଡ଼ିଶାରେ ଏସଆଇ ଦ୍ୱାରା ସଂରକ୍ଷିତ ପ୍ରାୟ ୮୦ଟି ଐତିହ୍ୟସ୍ଥଳୀ ରହିଛି। ଏଗୁଡ଼ିକ ମଧ୍ୟରେ ରହିଛି ପୁରୀ ଶ୍ରୀମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର , ୩ଟି ମ୍ୟୁଜିୟମ ଲଳିତଗିରି, ରତ୍ନଗିରି ଓ କୋଣାର୍କଠାରେ ରହିଛି ।

## ଗୋଟିଏ ଦିନରେ ୪୩୩୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୩୩୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୫୬୧୨୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୯୬୭୯୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୫୫୯୨୩ ରହିଛି । ଆଜି ଚିହ୍ନଟ ହୋଇଥିବା ୪୩୩୯ ଜଣଙ୍କ ମଧ୍ୟରୁ ୨୪୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୬୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭୦୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୯୬ ଜଣ, ବରଗଡ଼ରୁ ୬୮ ଜଣ, ଭଦ୍ରକରୁ ୨୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୫୪, କଟକରୁ ୪୮୦ ଜଣ, ଦେବଗଡ ଜିଲ୍ଲାରୁ ୨୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୪୪ ଜଣ, ଗଜପତି ଜିଲ୍ଲାରୁ ୩୬ , ଗଞ୍ଜାମରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୪୩ ଜଣ, ଯାଜପୁରରୁ ୨୦୭ ଜଣ, ଝାରସୁଗୁଡ଼ାରୁ ୧୩ ଜଣ, କଳାହାଣ୍ଡିରୁ ୬୨ ଜଣ, କନ୍ଧମାଳ ଜିଲ୍ଲାରୁ ୬୨ ଜଣ. କେନ୍ଦ୍ରାପଡ଼ାରୁ ୧୮୧ ଜଣ, କେନ୍ଦୁଝରରୁ ୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୭୦୦ ଜଣ, କୋରାପୁଟରୁ ୬୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫୮ ଜଣ, ନବରଙ୍ଗପୁରରୁ ୭୮ ଜଣ, ନୟାଗଡ଼ରୁ ୧୪୯ ଜଣ, ନୂଆପଡ଼ାରୁ ୧୪ ଜଣ, ପୁରୀରୁ ୨୫୫ ଜଣ, ରାୟଗଡ଼ାରୁ ୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୫୪ ଜଣ, ସୋନପୁରରୁ ୮୪ ଜଣ, ସୁନ୍ଦରଗଡ଼ରୁ ୧୭୮ ଜଣ ଓ ଷ୍ଟେଟ୍ ପୁଲରୁ ୧୦୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସମ୍ କୋଭିଡ୍ ହସ୍ପିଟାଲ୍‌ରେ ଗୁରୁତର ବାଳିକାଙ୍କର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୪/୦୬: ସମ୍ କୋଭିଡ ହସ୍ପିଟାଲ୍‌ରୁ ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଫେରିବାର ତାଲିକା ବେଶ ଲମ୍ବା। ଅନେକ ଗୁରୁତର ବ୍ୟକ୍ତି ସୁସ୍ଥ ହେଉଥିବା ବେଳେ ଭେଂଟିଲେଟର୍‌ରୁ ବାହାରି ସମ୍ପୂର୍ଣ୍ଣ ଭଲ ହୋଇ ଫେରିବାର ମଧ ଅନେକ ନଜିର ରହିଛି। ଏପରିକି ପରିଣତ ବୟସରେ ପହଂଚିଥିବା ଅନେକ ବୟୋଜ୍ୟେଷ୍ଠ ବରିଷ୍ଠ ନାଗରିକ ମଧ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ କେବଳ କୋଭିଡ ସଂକ୍ରମିତ ନୁହଁନ୍ତି, ସଂକ୍ରମଣ ସହ ଅନ୍ୟାନ୍ୟ ଗୁରୁତର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଥିବା ରୋଗୀମାନେ ମଧ ସମ୍ କୋଭିଡ୍‌ରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏହି କ୍ରମରେ ଜଣେ ୧୪ ବର୍ଷୀୟା ବାଳିକାକୁ ମଧ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରୁ ସୁସ୍ଥ କରିପାରିଛନ୍ତି ସମ୍ କୋଭିଡ୍ ଟିମ୍। ଭୁବନେଶ୍ୱର ପାତ୍ରପଡା ଅଂଚଳର ୧୪ ବର୍ଷୀୟା ସଂଯୁକ୍ତା ଖିଲାର ଗତ ମେ ୨୫ ତାରିଖରେ କରୋନା ସଂକ୍ରମିତ ହୋଇ ସମ୍ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତି ହୋଇଥିଲେ। ତାଙ୍କର ସିକଲ୍‌ସେଲ୍ ରୋଗର ସମସ୍ୟା ନେଇ ସେ ପ୍ରଥମେ ସମ୍ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଆସିଥିବା ବେଳେ ସେଠାରେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ। ତା'ପରେ ତାଙ୍କୁ ତୁରନ୍ତ ସମ୍ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତି କରାଯାଇଥିଲା। ସଂଯୁକ୍ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବେଳେ ବିଭିନ୍ନ ପରୀକ୍ଷା ନିରୀକ୍ଷାରୁ ତାଙ୍କର ତଳିପେଟରେ ଆପେଣ୍ଡିସାଇଟିସ୍ ରେ ଗୁରୁତର ସଂକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଏହିଭଳି ଅବସ୍ଥା ଦେଖି ତାଙ୍କର ତୁରନ୍ତ ଅପରେସନ୍ ପାଇଁ ନିଷ୍ପତି ନେଇଥିଲେ ଡାକ୍ତରୀ ଟିମ୍। ସମ୍ କୋଭିଡ୍ ହସ୍ପିଟାଲ୍‌ରେ ହିଁ ସଂପୃକ୍ତ ବାଳିକାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସମ୍ ହସ୍ପିଟାଲ୍‌ର ଶିଶୁ ଶଲ୍ୟ ବିଭାଗର ଡାକ୍ତର ଲଳିତ ପରିଡା ଏବଂ ନବଜାତ ଶିଶୁରୋଗ ବିଭାଗର ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କ ତତ୍ୱାବଧାନରେ ଏହି ସର୍ଜରୀ କରାଯାଇଥିଲା। ତାଙ୍କର ଚିକିତ୍ସାରେ ପଲ୍‌ମୁନାରୀ ମେଡିସିନ୍ ବିଭାଗର ଡାକ୍ତର ପ୍ରିୟଦର୍ଶିନୀ ବେହେରା ମଧ ଯୋଗ ଦେଇଥିଲେ। ସର୍ଜରୀରେ ସମ୍ କୋଭିଡ୍ ଟିମ୍‌ର ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ ସେବୀ କର୍ମୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରାୟ ୧୪ ଦିନ ସମ୍ କୋଭିଡ୍ ହସ୍ପିଟାଲ୍‌ରେ ଓ ପରବର୍ତୀ ସମୟରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇ କୋଭିଡ୍ ମୁକ୍ତ ହେବା ସହ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ସଂଯୁକ୍ତା । ସେ ସୁସ୍ଥ ହୋଇ ଘରକୁ ଫେରିବା ପରେ ସମ୍ କୋଭିଡ୍ ଟିମ୍ ଓ ତାଙ୍କର ଅସ୍ତ୍ରୋପଚାର କରିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି ସଂଯୁକ୍ତାଙ୍କ ପରିବାର।

## ଓଜେଇଇ ସ୍ଥଗିତ

ଭୁବନେଶ୍ୱର, ୧୪।୬(ପି.ଏନ): କୋଭିଡ–୧୯ ମହାମାରୀକୁ ଦୃଷ୍ଟିରେ ରଖି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)କୁ ସ୍ଥଗିତ କରି ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷାକୁ ପରବର୍ତୀ ସମୟରେ ଆୟୋଜନ କରାଯିବ । ପରୀକ୍ଷା ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇବ । ପରିସ୍ଥିତି ଦେଖି ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରେ ପରୀକ୍ଷା କେବେ କରାଯିବ ତାହା ଉପଯୁକ୍ତ ସମୟରେ ଜଣାଇ ଦିଆଯିବ ବୋଲି ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପଟରେ ଓଜେଇଇ ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନର ସମୟ ସୀମାକୁ ବଢ଼ାଇ ଦିଆଯାଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁଲାଇ ୧୨ ସୁଦ୍ଧା ଆବେଦନ କରିପାରିବେ। ଏଥିସହ ଜୁଲାଇ ୧୪ ମଧ୍ୟରେ ଫି' ଦାଖଲ କରିପାରିବେ।

### ଆଉ ୪ଟି ସ୍ଥାନରେ ହେବ ଟିକାକରଣ, ସଂଧ୍ୟା ୭ଟାରୁ ସ୍ଲଟ୍ ବୁକିଂ

ଭୁବନେଶ୍ୱର, ୧୪।୬(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ କୋଭିଡ୍ ଟିକାଦାନ ପାଇଁ ଆଉ ୪ ଟି କେନ୍ଦ୍ର ଖୋଲାଯାଇଛି।

## ମହାରାଷ୍ଟ୍ର : ୨୦ ଜିଲ୍ଲାରେ ଅନଲକ୍, ମୁମ୍ବାଇରେ ମଧ୍ୟ ଆଂଶିକ ଛାଡ଼

ମୁମ୍ବାଇ, ୧୪।୬(ପି.ଏନ): ମହାରାଷ୍ଟ୍ରର ୨୦ ଟି ଜିଲ୍ଲାରେ ସୋମବାର ସକାଳ ଠାରୁ ଅନଲକ୍ କରାଯାଇଛି। ଏଥି ସହିତ ମୁମ୍ବାଇ, ଥାନେ ଏବଂ ପାଲଘର ରେ ଲଗାଯାଇଥିବା ଲକ୍‌ଡାଉନକୁ ଆଂଶିକ ଛାଡ଼ କରାଯାଇଛି । ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ବିଜୟ ବଡ଼େଟ୍ଟିୱାର ନାଗରିକ ମାନଙ୍କୁ କରୋନା ନିୟମ ପାଳନ କରିବାକୁ ନିବେଦନ କରିଛନ୍ତି ।ରାଜ୍ୟ ସରକାର ଆଜି ଅନଲକର ନୂଆ ନିୟମାବଳୀ ଜାରି କରି ସକାଳେ ୨୦ ଜିଲ୍ଲାକୁ ସମ୍ପୂର୍ଣ୍ଣ ଲକଡାଉନରୁ ମୁକ୍ତ କରିଦେଇଛନ୍ତି। ଏହି ଜିଲ୍ଲା ଗୁଡ଼ିକ ହେଲା – ନାଗପୁର, ଅହମ୍ମଦନଗର, ଅମରାବତୀ, ଭଣ୍ଡାରା, ବୁଲଡାଣା, ଚନ୍ଦ୍ରପୁର, ଘୁଲେ, ଗୋନ୍ଦିଆ, ହିଙ୍ଗୋଲି, ଜଳଗାଓ, ଜାଲାନା, ଲାତୁର, ନାଂଦେଡ଼, ନନ୍ଦୁରବାର, ପରଭରୀ, ସୋଲାପୁର, ୱର୍ଦ୍ଧା, ୱାଶିମ, ୟବତମାଳ ।ରାଜ୍ୟ ସରକାରଙ୍କ ନୂଆ ନିୟମ ଅନୁଯାୟୀ ସ୍ଥାନୀୟ ସ୍ତରରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଜିଲ୍ଲା ଗୁଡ଼ିକରେ କିଛି ପ୍ରତିବନ୍ଧକ ଲଗାଯିବ। ମୁମ୍ବାଇ, ଥାନେ, ପାଲଘର ଇତ୍ୟାଦି ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି, ତେଣୁ ଏଠାରେ ଲକ୍‌ଡାଉନରେ ଆଂଶିକ ଛାଡ଼ କରାଯାଇଛି। ଏଠାରେ ଦୋକାନ ଗୁଡ଼ିକ ସକାଳ ୭ଟାରୁ ୪ ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ଅନୁମତି ଦିଆଯାଇଛି । ଲକ୍‌ଡାଉନ୍ ଢ଼ିଲା କାରଣରୁ ଲୋକମାନେ ଭିଡ଼ ଜମାଇବା ଆରମ୍ଭ କେଲ। ତେଣୁ ମେୟର କିଶୋରୀ ପେଡନେକର ମାସ୍କ ଏବଂ ସାମାଜିକ ଦୂରତା ପାଳନ କରିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି । ପୁଣେରେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ହେତୁ ଏଠାରେ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି । ସେଥିପାଇଁ ଲୋକମାନେ ଏଠାରେ ସର୍ବସାଧାରଣ ସ୍ଥାନରେ ଭିଡ଼ ବଢ଼ାଉଛନ୍ତି। ମହାରାଷ୍ଟ୍ରରେ କୋହ୍ଲାପୁର, ବାସିମ, ରତ୍ନଗିରି, ସିନ୍ଧୁଦୁର୍ଗ, ରାୟଗଡ଼ ଜିଲ୍ଲାରେ କରୋନା ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନକୁ କଡ଼ାକଡ଼ି ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିପର୍ଯ୍ୟୟ ଏବଂ ସହାୟତା ମନ୍ତ୍ରୀ ବିଜୟ ବଡ଼େଟ୍ଟିୱାର କହିଛନ୍ତି ଯେ, ଯଦି ଅନଲକ୍ ହୋଇଥିବା ଜିଲ୍ଲା ମାନଙ୍କରେ କରୋନା ରୋଗୀଙ୍କ ସଂଖ୍ୟା ପୁଣି ବଢ଼ିଯାଏ ତେବେ ସେହି ଜିଲ୍ଲା ଗୁଡ଼ିକରେ ଆହୁରି କଡ଼ାକଡ଼ି ନିୟମ ପାଳନ କରାଯିବ।

## କରୋନାରୁ ସୁସ୍ଥଙ୍କ ସଂଖ୍ୟା ୮ ଲକ୍ଷ ଟପିଲା

ଭୁବନେଶ୍ୱର, ୧୪।୬(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣରୁ ସୁସ୍ଥଙ୍କ ସଂଖ୍ୟା ୮ ଲକ୍ଷ ଅତିକ୍ରମ କରିଛି । ସୋମବାର ଆଉ ୮୧୮୨ ଜଣ ଆକ୍ରାନ୍ତ ଆରୋଗ୍ୟଲାଭ କରିଛନ୍ତି ।ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୮୦୪୯୮୧ କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୮୭ ଜଣ , କଟକରୁ ୮୬୭ ଜଣ ଓ ଅନୁଗୁଳ ଜିଲ୍ଲାରୁ ୭୪୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଯାଜପୁରରୁ ୫୧୬, ବାଲେଶ୍ୱରରୁ ୪୨୩, ନୟାଗଡ଼ରୁ ୪୧୮, ଜଗତସିଂହପୁରରୁ ୩୯୭, ମୟୂରଭଂଜରୁ ୩୬୭, ଢେଙ୍କାନାଳରୁ ୩୩୨, ପୁରୀରୁ ୩୦୪ ଓ ବୌଦ୍ଧରୁ ୩୦୩ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡ଼ରୁ ୨୬୭, କୋରାପୁଟରୁ ୨୪୨, ଭଦ୍ରକରୁ ୨୩୭, କେନ୍ଦ୍ରାପଡ଼ାରୁ ୨୨୪, ବରଗଡ଼ରୁ ୧୮୨, ନବରଂଗପୁରରୁ ୧୭୧, କଳାହାଣ୍ଡିରୁ ୧୬୪ ଜଣ ,କେନ୍ଦୁଝରରୁ ୧୧୪, ରାୟଗଡ଼ାରୁ ୧୧୦, ସମ୍ବଲପୁରରୁ ୧୦୨, ମାଲକାନଗିରିରୁ ୯୭, ବଲାଙ୍ଗୀରରୁ ୮୮, ସୁବର୍ଣ୍ଣପୁରରୁ ୮୪, ଝାରସୁଗୁଡ଼ାରୁ ୬୯, କନ୍ଧମାଳରୁ ୬୭, ଗଂଜାମରୁ ୫୫, ଗଜପତିରୁ ୪୫, ଦେବଗଡ଼ରୁ ୩୦, ନୂଆପଡ଼ାରୁ ୩୦ ଓ ରାଜ୍ୟପୁଲରୁ ୧୪୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ନକଲି ଔଷଧ କାରବାର ଘଟଣାର କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୬(ପି.ଏନ): କଟକରୁ ନକଲି ଔଷଧ ଜବତ ଘଟଣାର ତଦନ୍ତ କରିବ କ୍ରାଇମ୍‌ବ୍ରାଂଚ । ଘଟଣାର ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ କ୍ରାଇମବ୍ରାଂଚକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୧୧ ତାରିଖ ଦିନ କଟକ ସହରର କନିକା ଛକ ନିକଟ ଏକ ଔଷଧ ହୋଲସେଲ୍ ଗୋଦାମରୁ ୬୯ ଲକ୍ଷ ଟଙ୍କାର ନକଲି ଔଷଧ ଜବତ ହୋଇଥିଲା। ଔଷଧ ଦୋକାନ ଉପରେ ଡ୍ରଗ୍ସ କଂଟ୍ରୋଲର ସ୍କ୍ୱାର୍ଡ ଚଢାଉ କରି ବିପୁଳ ପରିମାଣର ନକଲି ଔଷଧ ଜବତ କରାଯାଇଥିଲା। ମେଡିସିନ ହୋଲସେଲର ଦୋକାନରୁ କରୋନା ଚିକିତ୍ସା ପାଇଁ ବ୍ୟବହାର ହେଉଥିବା ୧୭ ହଜାର ଫାଭିପିରାଭିର ଟାବଲେଟ ଜବତ ହୋଇଥିଲା ।
ହରିୟାଣା ଓ ମହାରାଷ୍ଟ୍ର ସରକାର ଏହି ମେଡିସିନରେ ଭେଜାଲ ଥିବା ସୂଚନା ଦେଇଥିଲେ । ସୂଚନା ପାଇବା ପରେ ଓଡ଼ିଶାରେ ଡ୍ରଗ୍ସ କଂଟ୍ରୋଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ମ୍ୟାକ୍ସ ରିଲିଫ ହେଲ୍‌ଥ କେୟାର କମ୍ପାନୀର ଏହି ମେଡିସିନରୁ ୪୦ ହଜାର ୬୦୦ ଗୋଆଲିଅର ପଠା ଯାଇଥିବା ବେଳେ ବାକି ୧୭ ହଜାର ୪୦୦ ଜବତ ହୋଇଛି। ସେଥିରୁ ୪୦୦ଟି ଟେଷ୍ଟିଂ ପାଇଁ ପଠାଯାଇଛି। ଏହା ବାଦ ବାକି ଭିଟାମିନ – ସି ଓ ଆଜିଥ୍ରୋମାଇସିନ ମେଡିସିନ ଭଳି ୯ ଟି ବିଭିନ୍ନ ମେଡିସିନ ଜବତ କରାଯାଇଛି। ଜବତ ସବୁ ମେଡିସିନ୍ ସେହି ସମାନ କମ୍ପାନୀର ହୋଇଥିବାରୁ ଏହା ବି ଭେଜାଲ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି । ସେଥିପାଇଁ ସେଗୁଡିକୁ ମଧ ଟେଷ୍ଟିଂ ପାଇଁ ଖପଠାଯାଇଛି ।



## ବାର୍ତ୍ତା

ରଜ ମହୋତ୍ସବ ଉପଲକ୍ଷେ ବଡ଼ଚଣା–ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା–ଧର୍ମଶାଳା, ଯାଜପୁର, ଓଡ଼ିଶା

### ଅଭିନନ୍ଦନ

ରଜ ମହୋତ୍ସବ ଉପଲକ୍ଷେ ଆମର ଅଗଣିତ ପାଠକ–ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **–ସମ୍ପାଦକ**

### ଛୁଟି ଘୋଷଣା

ରଜ ମହୋତ୍ସବ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଜୁନ୍ ୧୫ ରୁ ୧୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୮ ତାରିଖରେ ପ୍ରକାଶ ପାଇବ ।

**–ପ୍ରକାଶକ**

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାଓକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ




ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍


ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କରୋନାର କରୁଣ ଚିତ୍ର...



ସାରା ବିଶ୍ୱରେ ଏବେ ଦେଖାଦେଇଛି ମହାମାରୀ କରୋନାର ଦ୍ୱିତୀୟ ଲହର। କରୋନାର ପ୍ରଥମ ଲହରଠାରୁ ଏହା ବେଶୀ ଭୟଙ୍କର। ୨୦୨୦ ମସିହା ଫେବୃୟାରୀରୁ ଦେଖାଦେଇଥିବା ମହାମାରୀ କରୋନା କ୍ରମାଗତ ଭାବେ ଗୋଟିଏ ବର୍ଷ ଭୟର ବାତାବରଣ ସୃଷ୍ଟି କରିଛିଥିଲା। ବହୁ ଲୋକଙ୍କ ଜୀବନ ହାନୀ ଘଟିବା ସହ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଭାଙ୍ଗି ପଡ଼ିଥିବା ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିବା ଯୋଗୁଁ ସାରା ବିଶ୍ୱ ପାଇଁ ଘାତକ ସାଜିଛି। ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବରେ ବୃଦ୍ଧି ପାଉଛି। କେବଳ ସଂକ୍ରମିତ ବଢୁନି, ଜୀବନ ମଧ୍ୟ ନେଉଛି ଯାହା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କରୋନାର କରୁଣ ଚିତ୍ରକୁ ଅନ୍ୟାନ କଲେ ମହାରାଷ୍ଟ୍ର, ଗୁଜୁରାଟ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। କାରଣ କରୋନାର ପ୍ରଥମ ଲହରରେ ରେକର୍ଡ ସଂଖ୍ୟକ ସଂକ୍ରମିତ ସଂଖ୍ୟା ଛୁଇଁବାକୁ ଦୀର୍ଘ ୮ ମାସ ଲାଗିଥିବା ବେଳେ ଦ୍ୱିତୀୟ ଲହରରେ ଏହି ସଂଖ୍ୟା ଅତିକ୍ରମ କରିବାକୁ ମାତ୍ର ୩ ମାସ ଲାଗିଥିଲା। ୨୦୨୦ ଫେବୃୟାରୀରୁ ଦେଖା ଦେଇଥିବା କରୋନାର ରେକର୍ଡ ସଂଖ୍ୟକ ସଂଖ୍ୟା ସେପ୍ଟେମ୍ବର ୧୫ ତାରିଖ ଦିନ ସର୍ବାଧିକ ୯୭ ହଜାର ୫୭୦ ଜଣ ସଂକ୍ରମିତ ଚିହ୍ନଟ



ହୋଇଥିଲେ। ମାତ୍ର ବାୟୁରୁ ବ୍ୟାପୁଥିବା କରୋନାର ଦିଦ୍ୱୀୟ ଲହରରେ ମାତ୍ର ୩ ମାସ ମଧ୍ୟରେ ୨୦୨୧ ଏପ୍ରିଲ ୨୪ ତାରିଖ ଦିନ ସର୍ବାଧିକ ୩ ଲକ୍ଷ ୪୯ ହଜାର ୬୯୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭୬୭ ଜଣଙ୍କ ମୃତ୍ୟୁ ଘଟିବା ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦୈନିକ କରୋନା ସଂକ୍ରମଣରେ ଭାରତର ଏହା ଏକ ଅଲୋଡ଼ା କୀର୍ତ୍ତି। ନୂଆ ସଂକ୍ରମଣ ସହିତ ସାରା ବିଶ୍ୱରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ କୋଟି ୭୦ ଲକ୍ଷ ୪୧ ହଜାର ୫୯୨କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩୧ ଲକ୍ଷ ୧୨ ହଜାର ୩୧୫ରେ ପହଞ୍ଚିଛି। ସେହିପରି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୬୯ ଲକ୍ଷ ୬୦ ହଜାର ୧୭୨କୁ ବୃଦ୍ଧି ପାଇଥିବା ବେଳେ, ମୃତ୍ୟୁ ସଂଖ୍ୟା୧ ଲକ୍ଷ ୯୨ ହଜାର ୩୧୧କୁ ବୃଦ୍ଧି ପାଇଛି ଓ ୧ କୋଟି ୪୦ ଲକ୍ଷ ୮୫ ହଜାର ୧୧୦ଜଣ ସୁସ୍ଥ ହୋଇଛନ୍ତି। ୨୬ ଲକ୍ଷ ୮୨ ହଜାର ୭୫୧ ରୋଗୀ ସକ୍ରିୟ ଅଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ମହାମାରୀ କରୋନା ମୋଟ ୨୧୯ଟି ଦେଶକୁ ଗ୍ରାସ କରିସାରିଛି।

କାରୋନାର ପ୍ରଥମ ପର୍ଯ୍ୟାୟରେ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଇ ସଚେତନ କରୁଥିବା କରୋନା ଯୋଦ୍ଧାମାନେ ଦ୍ୱିତୀୟ ଲହରରେ ଦୃତ ସଂକ୍ରମଣ ଯୋଗୁ ଘରୁ ଗୋଡ଼ କାଢୁନାହାଁନ୍ତି। କାରଣ ପ୍ରଥମ ପର୍ଯ୍ୟାରେ ଯେଉଁ ହାରରେ କରୋନା ଯୋଦ୍ଧା ଓ ସ୍ୱେଚ୍ଛାସେବୀ ସଂଗଠନ ଲୋକମାନଙ୍କୁ ସଚେତନ କରାଉଥିଲେ, ଦ୍ୱିତୀୟ ଲହରରେ ସେମାନଙ୍କ ସଂଖ୍ୟା ବହୁ ପରିମାଣରେ କମିଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଟୀକା ଦିଆଚାଲିଛି। ବର୍ତ୍ତମାନ ସୁଦ୍ଧା ୧୨ କୋଟି ୭୧ ଲକ୍ଷ, ୨୯ ହଜାର ୧୧୩ ଜଣରୁ ଉର୍ଦ୍ଧ୍ୱ ଲୋକ ଟୀକା ନେଇସାରିଲେଣି। ସରକାରଙ୍କ ତରଫରୁ ମେ ମାସ ୧ ତାରିଖରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଟୀକା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ତଥାପି ଏହା କରୋନା ଉପରେ କୌଣସି ପ୍ରଭାବ ପକାଇବାର ପରିଲକ୍ଷିତ ହୋଇନାହିଁ। କରୋନା ଏକ ଏଭଳି ରୋଗ ଯାହା ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଦେଇପାରି ନାହାଁନ୍ତି କି ଏହାର ନିରାକରଣ ପାଇଁ ଏପର୍ଯ୍ୟନ୍ତ ପ୍ରତିଷେଧକ ଔଷଧ ତିଆରି ହୋଇପାରି ନାହିଁ। ଯେଉଁଥି ପାଇଁ କରୋନା ଯୋଦ୍ଧାମାନେ ଲୋକଙ୍କ ନିକଟରେ ପହଞ୍ଚି ସଚେତନ କରିବାକୁ ଆଉ ସାହସ କରୁନାହାଁନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଯଦିଓ ଓଡ଼ିଶାରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିଲା, ତେବେ ସାମାଜିକ ଦୂରତ୍ୱକୁ ନ ମାନିବା, ମାସ୍କ ନ ପିନ୍ଧିବା ଫଳରେ ଏବେ କରୋନାର ଦ୍ୱିତୀୟ ଲହର ଓଡ଼ିଶାବାସୀଙ୍କ ପାଇଁ ଘାତକ ସାଜିଛି। ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସାଧାରଣ ଜନତା ସଚେତନ ହେଉନାହାଁନ୍ତି। ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କୋଭିଡ଼ ଆଇନର ଖୋଲାଖୋଲି ଉଲଂଘନ କରାଯାଉଛି। ମୁଖ୍ୟମନ୍ତ୍ରୀ ମାକ୍ସ ପିନ୍ଧିବା ବାଧ୍ୟତାମୂଳକ ବୋଲି ନିବେଦନ କରୁଥିଲେ ମଧ୍ୟ ସାଧାରଣ ଲୋକେ ବିନା ମାସ୍କରେ ବଜାର, ହାଟ ଓ ଛକମାନଙ୍କରେ ବୁଲିବା, ଯୁବକ ଯୁବତୀମାନେ ମାଳ ମାଳ ହୋଇ ହୋଟେଲ, ରେଷ୍ଟୁରାଣ୍ଟ ଓ ଥଣ୍ଡାପାନୀୟ ଦୋକାନରେ ଭିଡ଼ ଜମାଉଥିବାର ପରିଲକ୍ଷିତ ହେଉଛି। ଅମାନିଆଙ୍କୁ ସାବାଡ଼ କରିବାକୁ ଯାଇ ମାସ୍କ ପିନ୍ଧି ନଥିବା ବ୍ୟକ୍ତିଙ୍କ ଠାରୁ ୨ ହଜାର ଟଙ୍କା ଜୋରିମାନା ଘୋଷଣା କରିଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସିପାରିନାହିଁ। ଦିନକୁ ଦିନ ରେକର୍ଡ଼ ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛି। ଏପ୍ରିଲ ୨୨ ତାରିଖ ଦିନ ରାଜ୍ୟରେ ସର୍ବାଧିକ ୬ ହଜାର ୨୧୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୫୦ଜଣ ଚିହ୍ନଟ ହେବା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏହାରି ମଧ୍ୟରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୭ ହଜାର ୪୫୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା୧୮୮୮କୁ ବୃଦ୍ଧି ପାଇଛି। ୩ ଲକ୍ଷ ୫୯ ହଜାର ୪୬୭ ଜଣ ସୁସ୍ଥ ହୋଇଛନ୍ତି ଏବଂ ୪୫ ହଜାର ୯୪୯ ଜଣ ଚିକିତ୍ସିତ ହେଉଛନ୍ତି।

ରାଜ୍ୟରେ ଦୈନିକ ସଂକ୍ରମଣ ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଟକଣାକୁ ଆହୁରି କଡ଼ାକଡ଼ି କରିଛନ୍ତି। ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପୂର୍ବରୁ ସାନ୍ଧ୍ୟ ଆଇନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଗୁ ହୋଇଥିଲା ବେଳେ ଏହାକୁ ପରିବର୍ତ୍ତନ କରି ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। କଟକ ଭୁବନେଶ୍ୱରରେ ରାତି ୯ଟାରୁ ସକାଳ ୫ଟା ଯାଏ କର୍ଫ୍ୟୁ ଜାରି ହୋଇଛି। ଏହି ସମୟ ମଧ୍ୟରେ କେବଳ ଅତି ଜରୁରୀ ଆବଶ୍ୟକ ସାମଗ୍ରୀ ଏବଂ ଯୋଗାଣକାରୀଙ୍କ ବ୍ୟତୀତ ମିଡ଼ିଆ, ପେଟ୍ରୋଲ ଏବଂ ମେଡ଼ିକାଲ କର୍ମଚାରୀଙ୍କୁ ଯିବା ଆସିବା ପାଇଁ ଅନୁମତି ଦିଆଯାଇଛି। ଏଥିସହିତ ହୋମ ଡେଲିଭରୀ ଯୋଗାଉଥିବା ସଂସ୍ଥାକୁ ଅନୁମତି ମଧ୍ୟ ମିଳିଛି। ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷାକୁ ବାତିଲ କରିଦିଆଯାଇଥିବା ବେଳେ +୨ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହିତ ଏପ୍ରିଲ ୧୯ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୫୦ ପ୍ରତିଶତ କର୍ମଚାରୀରେ ସରକାରୀ କାର୍ଯ୍ୟାଳୟ ଚାଲିବା ପାଇଁ ଘୋଷଣା କରିବା ସହିତ ଅନ୍ୟ ରାଜ୍ୟକୁ ବସ୍ ଚଳାଚଳ ବନ୍ଦ କରିଦିଆଯାଇଛି। କରୋନାକୁ ପ୍ରତିହତ କରିବା ପାଇଁ ୨୧ ଜଣ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।


ହରିଦ୍ୱାରରେ ଚାଲିଥିବା କୁମ୍ଭମେଳାରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ସ୍ନାନଯାତ୍ରାରେ ସାମିଲ୍ ହୋଇଥିବା ବେଳେ ଓଡ଼ିଶାରୁ ମଧ୍ୟ ବହୁ ଶ୍ରଦ୍ଧାଳୁ କୁମ୍ଭମେଳାରେ ଯୋଗ ଦେଇଥିଲେ। ଲକ୍ଷାଧିକ ସଂଖ୍ୟାରେ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁ ଯୋଗଦେବା ଫଳରେ ସେଠାରେ କରୋନା ସ୍ଥିତି ଅଣାୟତ ହୋଇପଡ଼ିଛି। ୫ ଦିନରେ ଦୁଇ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ମୁଣ୍ଡବ୍ୟଥାର କାରଣ ସାଜିଛି। ଏଥିରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ ଯେତେବେଳେ ନିଜ ରାଜ୍ୟକୁ ଫେରିବେ, ସେତେବେଳେ ପରିସ୍ଥିତି ଅଧିକ ସଙ୍ଗୀନ ହେବ ବୋଲି ଅନୁମାନ କରାଯାଉଛି। ତେବେ କରୋନା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ବନ୍ଦ କରିଦିଆଯାଇଛି। କୁମ୍ଭମେଳାରେ ଅଂଶଗ୍ରହଣ କରି ରାଜ୍ୟକୁ ଫେରିବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ୧୪ ଦିନ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧି ପାଇଁ କ୍ଷୁଦ୍ର ସମାବେଶ ଦାୟୀ ବୋଲି ପ୍ରସିଦ୍ଧ ମେଡ଼ିକାଲ ଜର୍ଣ୍ଣାଲ 'ଦ ଲାନସେଟ' ରିପୋର୍ଟରୁ ପ୍ରକାଶ। ଏହି ରିପୋର୍ଟ ଅନୁସାରେ କରୋନା ମହାମାରୀ ଆଗାମୀ ଜୁନ୍ ମାସରେ ଅତି ଭୟଙ୍କର ହେବ। ଜୁନ୍ ସୁଦ୍ଧା କରୋନା ସଂକ୍ରମଣ ଶିଖର ଛୁଇଁବ ଓ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଦୈନିକ ହାରାହାରି ୨୫୦୦ ଜଣ ମୃତ୍ୟୁବରଣ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। କରୋନା ନିୟନ୍ତ୍ରଣ ପାଇଁ ସମସ୍ତ ସଭା, ସମାବେଶରେ ରୋକ ଲାଗିବା ସହିତ ପ୍ରେକ୍ଷାଳୟମାନଙ୍କରେ ଜନସମାବେଶ ଉପରେ ସମ୍ପୂର୍ଣ୍ଣ ନିଷୋଧାଦେଶ ଜାରି ହେବା ଉଚିତ। ତେଣୁ ସମସ୍ତ ଧାର୍ମିକ, ରାଜନୈତିକ ଏବଂ ସାମାଜିକ ସମାବେଶକୁ ବନ୍ଦ କରାନଗଲେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।

କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଉଛି ଯେ, ହସ୍ପିଟାଲରେ ରୋଗୀଙ୍କ ପାଇଁ ଶଯ୍ୟା ଓ ଆଇସିୟୁର ଘୋର ଅଭାବ ଦେଖାଦେଇଛି। କରୋନାର ପ୍ରଥମ ଲହରରେ ହସ୍ପିଟାଲମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀ ଗୁରୁତର ହୋଇପଡ଼ିଲେ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଉଥିଲା, ମାତ୍ର ଦ୍ୱିତୀୟ ହଲରରେ କରୋନା ସଂକ୍ରମିତ ହେବା ମାତ୍ରେ ରୋଗୀ ସଙ୍ଗେ ସଙ୍ଗେ ଗୁରୁତର ହୋଇପଡୁଛି ଫଳରେ ଆଇସିୟୁରେ ଭର୍ତ୍ତି କରିବା ପାଇଁ ସଙ୍କଟ ଦେଖାଦେଇଛି। ହସ୍ପିଟାଲର ଘୋର ଅଭାବ ଦେଖାଦେବାରୁ ବର୍ତ୍ତମାନ ସଂକ୍ରମିତ ରୋଗୀମାନଙ୍କୁ ନିଜ ଘରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି। ସେହିଭଳି ମୃତ୍ୟୁ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଫଳରେ ଶବଦାହ କରିବା ପାଇଁ ଶ୍ମଶାନର ଅଭାବ ଦେଖାଦେଇଛି। ଅଧିକାଂଶ ରାଜ୍ୟରେ ଶବ ସଂସ୍କାର କରିବା ପାଇଁ ୮/୧୦ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କରୋନାର ଦ୍ୱିତୀୟ ଲହର କେତେ ଯେ ଭୟଙ୍କର ତାହା ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟାରୁ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ସାରା ବିଶ୍ୱରେ ଘାତକ ସାଜିଥିବା କରୋନାର ଦ୍ୱିତୀୟ ଲହରକୁ ପ୍ରତିହତ କରିବାକୁ ହେଲେ ମାସ୍କ ନିୟମିତ ପିନ୍ଧିବା, ସାନିଟାଇଜ ବ୍ୟବହାର କରିବା, ସାମାଜିକ ଦୂରତା ବଜାୟ ରଖିବା ସହ ସତର୍କ ଓ ସଚେତନ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ନଚେତ୍ ଖୁବ୍ କମ୍ ଦିନ ମଧ୍ୟରେ ସମଗ୍ର ବିଶ୍ୱକୁ ଗ୍ରାସ କରିଦେବା ଭଳି କରୋନାର କରୁଣ ଚିତ୍ରକୁ ଏଡ଼ାଇ ଦେଇ ହେବନାହିଁ।

**ସୁବାସ କୁମାର ତାରଣିଆଁ, କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେମୋ ପାଇଖାନାରେ ଥଣ୍ଡାପାନୀୟ ବ୍ୟବସ୍ଥା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡେମୋ ପାଇଖାନା ଗୃହରେ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସେଠାରୁ ସଂପୃକ୍ତ ପ୍ରକଳ୍ପଟିକୁ ଉଠାଇ ନିଆଯାଇଥିବା ଦେଖାଯାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସେହି ଥଣ୍ଡା ପାନୀୟ ବ୍ୟବସ୍ଥାକୁ ନିକଟରେ ଥିବା ଏକ ଡ୍ରେନରୁ ପାଣି ପାଇପ ସଂଯୋଗ



କରାଯାଇଥିବା ଯୋଗୁଁ ସେଠାରୁ ପାଣି ପିଇ ଲୋକମାନେ ଭବିଷ୍ୟତରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ସେହି ବ୍ୟବସ୍ଥାର ତୁରନ୍ତ ପରିବର୍ତ୍ତନ ସହ ସଂପୃକ୍ତ ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହୋଇଥିଲା। ତେଣୁ ଜିଲ୍ଲା ପ୍ରଶାସନ ଶେଷରେ ପ୍ରକଳ୍ପଟିକୁ ସେଠାରୁ ଉଠାଇ ନେଇଥିବା ବେଳେ ଖୁବଶୀଘ୍ର ଅନ୍ୟତ୍ର ସ୍ଥାପନା କରାଯିବ ବୋଲି ସୂଚନା ମିଳିଛି।

## ଉତ୍କଳଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ମଧୁବାବୁ କେବଳ ଉତ୍କଳ ଗୌରବ ନୁହଁନ୍ତି ସେ ହେଉଛନ୍ତି ଭାରତଗୌରବ ବୋଲି କହିବା ସହିତ ତାଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ନିଳମଣୀ ମିଶ୍ର ଓ ସୁଦର୍ଶନ ପ୍ରଧାନ ପ୍ରମୁଖ କୋଭିଡ କଟକଣା ମାନି ଉପସ୍ଥିତ ରହିବା ସହିତ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

## ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଶୋକ ପ୍ରକାଶ

ଭୁବନେଶ୍ୱର (ପିଏନ୍): ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ, ପଦ୍ମଭୂଷଣ ଡଃ ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି। ସେ ଥିଲେ ଛାତ୍ର ଜୀବନରେ ଆନ୍ତର୍ଜାତୀୟ ସ୍ତରରେ ଛାତ୍ରସଂଘକୁ ପ୍ରତିନିଧିତ୍ୱ କରିଥିବା ଛାତ୍ରନେତା ଏବଂ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ପର୍ଦ୍ଧିତ ସ୍ୱର। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା ଏବଂ ଉତ୍କଳ ଜନନୀ ଜଣେ ବିଶିଷ୍ଟ ଚିନ୍ତାନାୟକ ଓ ମହାନ୍ ସାରସ୍ୱତ ସାଧକଙ୍କୁ ହରାଇଲା। ଓଡ଼ିଶା ପାଇଁ ଏହା ଏକ ଅପୂରଣୀୟ କ୍ଷତି।

## ତ୍ୟାଗ ଓ ସେବାର ପ୍ରତୀକ ଥିଲେ ଗୋପବନ୍ଧୁ ଚୌଧୁରୀ



ଜଗତସିଂହପୁର (ପିଏନ୍): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡାକବଙ୍ଗଳା ଛକସ୍ଥିତ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି ସ୍ୱର୍ଗତଃ ଗୋପବନ୍ଧୁ ଚୌଧୁରୀ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି ଗୋପବନ୍ଧୁ ଚୌଧୁରୀଙ୍କ ଜୀବନାଦର୍ଶରେ ଉତ୍ତର ପିଢିର ଦାୟାଦମାନେ ଅନୁପ୍ରାଣିତ ହେବାକୁ ମତ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜୟ କୁମାର ଲେଙ୍କା, ଯୋଗଜନ୍ମା ଚାନ୍ଦ, ଛାତ୍ରୀ ସୋନାଲି ବେହେରା, ନିରୁପମା ରାଉତ, ସରୋଜିନୀ ସାମଲ, ଉପସ୍ଥିତ ଥିଲେ। ଶେଷରେ ଧନେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣା ମହିଳାଙ୍କ ହୃଦ୍‌ଘାତରେ ପରଲୋକ



ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୪ନଂ ୱାର୍ଡ ନନ୍ଦିସାହିର ଜନୈକ ଧର୍ମପରାୟଣ ମହିଳାଙ୍କ ଗତ ୨୩ତାରିଖ ସନ୍ଧ୍ୟା ସମୟରେ ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି । ନନ୍ଦିସାହିର ୮ଇଂ ସାରଙ୍ଗଧର ଲକ୍ଷ୍ମଣଙ୍କ ଧର୍ମପତ୍ନୀ ପ୍ରେମଲତା ଲକ୍ଷବଛ (୭୭)ନିଜ ବାସଭବନରେ ସ୍ୱାଭାବିକ ଭାବେ ପରିବାର ସଦସ୍ୟଙ୍କ ସହିତ ଜୀବନଯାପନ କରି ଆସୁଥିବା ବେଳେ ୨୩ତାରିଖ ସନ୍ଧ୍ୟା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଘଟଣାସ୍ଥଳରେ ତାଙ୍କର ଦୃଦ୍‌ଘାତରେ ପରୋଲକ ହୋଇଯାଇଥିଲା । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ସାହିରେ ବେଶ୍ ପରିଚିତ ଥିବାବେଳେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପରମ ଭକ୍ତ ଥିଲେ । ତାଙ୍କର ପରଲୋକ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନନ୍ଦିସାହିର ଗୁରୁ ନିବାସ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁତ୍ର ବାପୁ, ବବି, ପୁତ୍ରବଧୂ , ଦୁଇଝିଅ ସୁପ୍ରିୟା ଓ ସୁପ୍ରିତ, ନାତିନାତୁଣୀ ଉପସ୍ଥିତ ରହିଥିବା ବେଳେ ଶନିବାର ଦିନ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ସତ୍କାର କରାଯାଇଥିଲା । ତାଙ୍କର ସାନପୁଅ ବବି ମୁଖାଗ୍ନି ଦେଇଥିଲେ ।

## କୋଳିମାଟିରେ ମନରେଗା ଯୋଜନା ବାଟବଣା



ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଆଦିବାସୀ ଅଂଚଳରେ ସରକାରଙ୍କ ବିଭିନ୍ନ ଯୋଜନା ହରିଲୁଟ୍ ହେଉଥିବାର ଜ୍ୱଳନ୍ତ ଉଦାହରଣ କୋଳିମାଟି ପଂଚାୟତରେ ଦେଖିବାକୁ ମିଳିଛି । ପଂଚାୟତର କନ୍ତୋ ଗାଁରେ ଏକ ଖେଳ ପଡିଆର ବିକାଶ ଲାଗି ଆସିଥିବା ପ୍ରାୟ ୫ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ନଦୀପଠା ସମତୁଲ କରାଯାଇ ଏହି ଅର୍ଥକୁ ଉଠାଇ ନିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି । କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଶ୍ରମଜୀବୀ ଓ ଦିନମଜୁରିଆମାନଙ୍କୁ ନିୟୋଜିତ କରି ଶ୍ରମ ଦିବସ ସୃଷ୍ଟି କରିବା ଲାଗି ଲକ୍ଷ ଧାର୍ଯ୍ୟ କରାଯାଇଛି । ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ଏହି କାର୍ଯ୍ୟକୁ ଶେଷ କରାଯାଇଛି । ମୂଷଳ ନଦୀପଠାକୁ ସମତୁଲ କରାଯାଇ ଯେଉଁ ଖେଳ ପଡିଆର ରୂପ ଦିଆଯାଇଛି ତାହା ମୂଷଳ ନଦୀର ସାମାନ୍ୟ ବନ୍ୟାରେ ଜଳାର୍ଣ୍ଣବ ହେବା ଆଶଙ୍କା ସୃଷ୍ଟି ହୋଇଛି । ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଆସିଥିବା ଏହି ସରକାରୀ ଅନୁଦାନ ପାଇଁ ଯେଉଁ ମୋଷ୍ଟର ରୋଲ ପ୍ରସ୍ତୁତ କରାଯାଇଛି ସେଥିରେ ସ୍ଥାନୀୟ ଶ୍ରମଜୀବୀମାନଙ୍କ ନାମ ଥିଲେ ମଧ୍ୟ ସେମାନେ ଉକ୍ତ କାର୍ଯ୍ୟ ସମ୍ପର୍କରେ ଜାଣିନଥିବା ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ କନ୍ତୋ ଗାଁରେ ପଡିଆ ଲାଗି ଉଦ୍ଦିଷ୍ଟ ଅନେକ ସ୍ଥାନ ଥିବାବେଳେ ନଦୀପଠାରେ ଖେଳ ପଡିଆ କରାଯିବାରୁ ସଚେତନ ଯୁବକମାନେ ବିରୋଧ କରିଥିଲେ ମଧ୍ୟ ବଳପୂର୍ବକ ଉକ୍ତ କାର୍ଯ୍ୟ ଶେଷ କରିଦିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଅଂଚଳବାସୀଙ୍କ ବିରୋଧ ସତ୍ତ୍ୱେ ଯଦି ଉକ୍ତ କାର୍ଯ୍ୟ ହୋଇଥାଏ ତେବେ ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ହରିଣ ଛୁଆ ଉଦ୍ଧାର ପରେ ବନ ବିଭାଗକୁ ହସ୍ତାନ୍ତର



ଆନନ୍ଦପୁର (ପିଏନ୍): ଆନନ୍ଦପୁର ବନଖଣ୍ଡ ଅଧିନରେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧରେ ଶିକାରୀ କୁକୁର ପ୍ରବେଶ କରି ସଂଘବଦ୍ଧ ହୋଇ ଏକ ହରିଣକୁ ଆକ୍ରମଣ କରି ଖଣ୍ଡିଆ ଖାବରା କରିଥିବା ବେଳେ କିଛିଦିନ ହେଲା ଅନେକ ହରିଣ ଆକ୍ରମଣରେ ପ୍ରାଣ ହରାଇଥିବା ସହ ଆହତ ମଧ୍ୟ ହୋଇଛନ୍ତି । ସେହିପରି ଅନେକ ଭୟଭୀତ ହରିଣ ଗ୍ରାମାଭିମୁଖୀ ହେଉଥିବା ଦେଖିବାକୁ ମିଳିଛି । ଗତ ଶୁକ୍ରବାର ସକାଳ ସମୟରେ କୁକୁର ହାବୁଡରେ ପଡି ଏକ ହରିଣ ଛୁଆ ପଣଡିହା ପଂଚାୟତର ଜାଳି ଗାଁକୁ ପଶି ଆସିଥିଲା । ଗ୍ରାମବାସୀ ହରିଣକୁ ଉଦ୍ଧାର କରିବା ସହିତ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗ କର୍ମଚାରୀ ସେଠାରେ ପହଂଚିବା ପରେ ଗ୍ରାମବାସୀ ହରିଣକୁ ହସ୍ତାନ୍ତର କରିବା ପରେ ବନବିଭାଗ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି । ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଙ୍ଗଲ ମଧ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାରୁ ହରିଣ ବଂଶ ଅସୁରକ୍ଷିତ ହେବା ସହିତ କୁକୁରଙ୍କ ଗତିବିଧି ଉପରେ ନଜର ରଖିବାକୁ ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଆନନ୍ଦପୁର ଡିଏଫ୍‌ଓଙ୍କ ନିକଟରେ ଦାବି କରିଛନ୍ତି ।

## ଘଟଗାଁରେ ଗୋଟିଏ ଦିନରେ ୩୬ ପଜିଟିଭ୍, ଚିନ୍ତା ବଢାଉଛି ବାଲିପୋଖରୀ ଓ ବାଟହରିଚନ୍ଦନପୁର

ଗୋଳାବନ୍ଧ (ପିଏନ୍): ଗତ ୨୪ ଘଣ୍ଟା ମଧ୍ୟରେ ଘଟଗାଁ ବ୍ଲକରେ କରୋନା ନିଜର ଭୟାବହ କାୟା ବିସ୍ତାର କରିବାରେ ଲାଗିଛି । ଗୋଟିଏ ଦିନରେ ୩୬ପଜିଟିଭ୍ ଚିହ୍ନଟ ହେବାସହ ବାଲିପୋଖରୀ ଗ୍ରାମପଂଚାୟତ ଏବେ ନୂଆ ହଟସ୍ପଟ ଭାବେ ଆତଙ୍କ ସୃଷ୍ଟି କରିଛି । ଏ ଯାବତ ଗତ ୪ ଦିନରେ ଏହି ପଂଚାୟତରୁ ୩୨ଜଣ ଆକ୍ରାନ୍ତ ଚିହ୍ନଟ ହେବା ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ସାଜିଛି । ଗଦାଧରପୁର ପଂଚାୟତର ବାଟହରିଚନ୍ଦନପୁର ଗ୍ରାମରୁ ୧୨ଜଣ ଆକ୍ରାନ୍ତ ହୋଇଥିବାରୁ ଏହା ନିଶ୍ଚିତ ଚିନ୍ତା ବଢାଇ ଦେଇଛି । ବାଲିପୋଖରୀ ପଂଚାୟତରୁ ୧୮ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେମାନଙ୍କର ସବିଶେଷ କଣ୍ଟାକ୍ଟ ଟ୍ରେସିଂ ହେବାସହ ଆବଶ୍ୟକ ଔଷଧ ଏବଂ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରାଯାଇଛି । ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଗାଁ ଏବିଡିଓ ଚିତ୍ତରଂଜନ ନାୟକ, ପୋଲିସ୍ ସବ୍‌ଇନ୍‌ସ୍ପେକ୍ଟରର ମାନସ ବେହେରା ଦଳବଳ ନେଇ ଉକ୍ତ ଅଂଚଳ ଗସ୍ତ କରିଥିଲେ ଓ ଅମାନିଆଙ୍କୁ ତାଗିଦ କରିବା ସହ ପରିସ୍ଥିତି ସମୀକ୍ଷା କରିଥିଲେ । ବାଲିପୋଖରୀ ପଂଚାୟତର ସରପଂଚ ମନୋରଂଜନ ନାୟକ, ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ ଓ ଜିଆରଏସ୍ କେଶବାନନ୍ଦ ବାରିକ ଘଟଣା ସ୍ଥଳରେ ଉପସ୍ଥିତ ରହି ସହଯୋଗ କରିଥିଲେ । ପରେ ପରେ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ହାତୀନୋଟା ଗାଁର ମୁଣ୍ଡାସାହି, ଶଗଡପଡା ଗାଁର ବାଲିସାହି ଓ ମହାନ୍ତସାହି ଏବଂ ଟାଙ୍ଗରତଳି ଗାଁର ପାତ୍ରସାହି ଅଂଚଳକୁ ଆବଦ୍ଧ ଅଂଚଳ ଭାବେ ଘୋଷଣା କରାଯାଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାକ୍ତର ମୁକ୍ତିକାନ୍ତ ନାୟକ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍‌ର ବ୍ୟବସ୍ଥା କରିଥିବା ଜଣାପଡିଛି ।

## ସାଇଁକୂଳ ପଂଚାୟତରେ ବିଶୋଧନ ସିଞ୍ଚନ

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପଂଚାୟତରେ ଏକାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମଣକୁ ରୋକିବା ପାଇଁ ପଂଚାୟତର ବିଭିନ୍ନ ସ୍ଥାନରେ ବିଶୋଧନ ସିଞ୍ଚନ କରାଯାଇଛି । ସରପଂଚ ବିଭାଷ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଘଷିପୁରା ଦମକଳ ବାହିନୀ ତରଫରୁ ଓମ୍ ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଆରଏମସି ପରିସରରେ ଥିବା ମୂର୍ତ୍ତି କାରଖାନା, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପତିତପାବନ ମହାବିଦ୍ୟାଳୟ ଗୃହକୁ ରାସାୟନିକ ବିଶୋଧନ ଜରିଆରେ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ରାଉତ, ସାଇକୁଳ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ରଂଜିବ ରାଉତ, ଡାକ୍ତର ସୁଚରିତା ପଟ୍ଟନାୟକ, ବିପିଏମ୍ ଶୁଭେନ୍ଦୁ ପୁହାଣ, ଏଲଟି ପ୍ରିତିରଂଜନ ଚକ୍ର, ଫାର୍ମାସିଷ୍ଟ କବିନ୍ଦ୍ର ସାହୁ ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ସରପଂଚ ବିଭାଷ ଚନ୍ଦ୍ର ନାୟକ ପଂଚାୟତର ବିଭିନ୍ନ ସ୍ଥାନ ବୁଲି ବୁଲି ଲୋକଙ୍କୁ ସଚେତନ କରାଇଛନ୍ତି । ସାମାଜିକ ଦୂରତା ରକ୍ଷା ଓ ମାସ୍କ ଲଗାଇ ବ୍ୟବସାୟ କରିବା ପାଇଁ ବ୍ୟବସାୟୀଙ୍କୁ ଅନୁରୋଧ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁନ୍ ୧୫

# ଦର ବୃଦ୍ଧି ବନାମ ବିକାଶ

ଭାରତ ସ୍ୱାଧିନ ହେଲା ପରଠାରୁ ଦେଶର ସମ୍ବଳ ଓ ଦକ୍ଷତାକୁ ନେଇ ସରକାର ବିଭିନ୍ନ ପଦକ୍ଷେପ ଜରିଆରେ ବିକାଶ ପାଇଁ ଉଦ୍ୟମ କରିଆସୁଛନ୍ତି । ସ୍ୱାଧିନ ସମୟରେ ଦେଶର ଅର୍ଥନୀତି ସଂପୁର୍ଣ୍ଣ ସିମିତ ଥିଲା, ଦେଶରେ ଦାରିଦ୍ର୍ୟ ଏକ ମହାମାରୀ ଭଳି କାୟା ବିସ୍ତାର କରି ରହିଥିଲା । ଅଧିକାଂଶ ଜନତା ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ, ସମ୍ପୁର୍ଣ୍ଣ ରୂପେ ପ୍ରକୃତିକୁ ନିର୍ଭର କରି ଚାଷ କରୁଥିବା ଚାଷୀମାନେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କବଳିତ ହୋଇ ଅଭାବ ଅନାଟନରେ କାଳାତିପାତ କରୁଥିଲେ । ଚାଷ ଭିନ୍ନ ଅନ୍ୟ ପନ୍ଥା ନ ଥିବା ହେତୁ ସେହି ଚାଷ ଉପରେ ନିର୍ଭର କରି ଅଧିକାଂଶ ଜନତା ଚଳୁଥିବା ହେତୁ ଦେଶରେ ବହୁ ମାତ୍ରାରେ ଖାଦ୍ୟାଭାବ ମଧ୍ୟ ଦେଖା ଦେଇଥିଲା । ସ୍ୱାଧିନ ଭାରତର ସରକାର ବିଭିନ୍ନ ଜନ ହିତକର ଯୋଜନା କାର୍ଯ୍ୟକାରୀ କରି ଲୋକଙ୍କ ଅଭିବୃଦ୍ଧିରେ ସହାୟକ ହେଲେ, ଫଳରେ ଦେଶରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନାର ପରିକଳ୍ପନା କରାଯାଇ ଲୋକମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଆଗଲା । କୃଷିର ଉନ୍ନତି ପାଇଁ ଇଂରେଜ ଶାସନ ସମୟରୁ ଚେଷ୍ଟା କରାଯାଇଥିଲା, ସେ ସମୟରେ ଭାରତବର୍ଷରେ ଇଂରେଜ ସରକାର ଅଧିକ ଶଷ୍ୟ ଉତ୍ପାଦନ ନାମରେ ଏକ ସ୍ୱତନ୍ତ୍ର ବିଭାଗ ଗଠନ କରି ଅଧିକ ଅମଳ ପାଇଁ ଚେଷ୍ଟା କରିଥିଲେ । ହେଲେ ଆମ ଦେଶରେ ଜଳସେଚନ ଓ ଆଧୁନିକ ପ୍ରଣାଳିର ଚାଷ ପାଇଁ ଚାଷୀ ପାଖରେ ସେଭଳି କୌଣସି ବାବସ୍ଥା ନ ଥିବା ହେତୁ କ୍ରମେ ସେ ବିଭାଗର ଗୁରୁତ୍ୱ ହ୍ରାସ ପାଇଥିଲା । ଦେଶ ସ୍ୱାଧିନ ପରେ ବହୁ ଜଳ ସେଚନ ପ୍ରକଳ୍ପର ଆରମ୍ଭ ହେଲା, ଜୈବ ସାର ସାଙ୍ଗକୁ ରାସାୟନିକ ସାର ବୟବହାର ପାଇଁ ଚାଷୀକୁ ପ୍ରବର୍ତାଇବା ସହ ଚାଷର ଆବଶ୍ୟକତାକୁ ପୁରଣ କରିବା ପାଇଁ ରାସାୟନିକ ସାର କାରଖାନା ମଧ୍ୟ ସ୍ଥାପନ କରି ବହୁଳ ଭାବରେ ସୁଲଭ ଦରରେ ଚାଷୀକୁ ସାର ଯୋଗାଇ ପାରିଲେ । ଚାଷୀ ବିଭିନ୍ନ ଯୋଜନାକୁ ଠିକ ଭାବେ ଜାଣି ଚାଷରେ ଠିକ ଭାବରେ ଉପଯୋଗ କରିବା ପାଇଁ ଶିକ୍ଷା ଏକ ବଡ ଭୂମିକା ନେଲା । ଫଳରେ ଶିକ୍ଷାକୁ ସାର୍ବଜନୀନ କରି ସମସ୍ତଙ୍କୁ ଶିକ୍ଷିତ କରିବା ପାଇଁ ସରକାର ପଦକ୍ଷେପ ନେଲେ । କିନ୍ତୁ ଏ ସମସ୍ତ ବାଦ, ଦେଶରେ ଜଳସେଚନ ପ୍ରତ୍ୟେକ ଚାଷୀକୁ ଯୋଗାଇ ହେଲା ନାହିଁ, ସମସ୍ତଙ୍କୁ କର୍ମ ସଂସ୍ଥାନ ମଧ୍ୟ ଯୋଗାଇବା ସମ୍ଭବ ହେଉ ନ ଥାଏ । ଲୋକ ପ୍ରକୃତିର କୃର ପରିହାସରେ ଅନାହାର ଦୁର୍ଭିକ୍ଷ ଭଳି କଷ୍ଟରେ ବଂଚିବାର ସଂଗ୍ରାମ କଲା । କ୍ରମେ ସରକାର ଦେଶରେ ବହୁଳ ଭାବରେ କଳକାରଖାନା ଓ ବିଭିନ୍ନ ଲୋକାଭିମୁଖୀ ଯୋଜନା ଜରିଆରେ ଲୋକଙ୍କୁ ଆତ୍ମ ନିର୍ଭର କରିବାର ରାସ୍ତା ଦେଖାଇଲା । ଆଜି ଯେଉଁ ପ୍ରଗତିଶୀଳ ଭାରତ ଆମେ ଉପଭୋଗ କରୁଛନ୍ତି, ତା ସେହି ପରିଶ୍ରମର ଅଂଶବିଶେଷ । ଲୋକ ଶିକ୍ଷିତ ହେଲେ, କଳକାରଖାନାରେ ଓ ବିଭିନ୍ନ ସଂସ୍ଥାରେ କମ କରି ଭଲ ରୋଜଗାର କଲେ । ଚାଷର ଯେଉଁ ଭଳି ଭାବେ ବିକାଶ ହେବା କଥା, ତା ହୋଇ ପାରିଲା ନାହିଁ, ଜଳ ସେଚନର ଯେଭଳି ବିକାଶ ହେବା କଥା ତା ଆଦୌ କରାଗଲା ନାହିଁ, ଲୋକଙ୍କୁ ବିକାଶର ନୂଆ ନୂଆ ଦିଶା ଦେଖାଇବା ପରିବର୍ତେ, ରାଜନୈତିକ ଫାଇଦା ପାଇବା ପାଇଁ ଚାଷକୁ ଗୌଣ କରିଦେଇ ସେମାନଙ୍କୁ ମାଗଣା ଚାଉଳ, ଡାଲି, ଜୋତା, ଛତା ଆଦି ଯୋଗାଇ ଦିଆଗଲା । ଛୁଆଟିଏ ଜନ୍ମ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାକୁ କିଛି କିଛି ମାଗଣା ପାଇବା ପାଇଁ ବ୍ୟବସ୍ଥା କରାଗଲା । ଯେତେବେଳେ ଚାଷୀ ମାଗଣା ପାଇବାର ସ୍ୱାଦ ଚାଖିଲା ଓ ମରୁଡି, ଅନାହାରରୁ ନିଜକୁ ବଂଚାଇ ପାରିଲା, ସେ ସରକାରଙ୍କ ନାମ ଗାନ କରିବାକୁ ଲାଗିଲା, ଚାଷକୁ ଆଉ ଗୁରୁତ୍ୱ ଦେଲା ନାହିଁ । ବର୍ତମାନ ଯେଉଁମାନେ ଚାଷ କରିବାକୁ ମନ ବଳାଉଛନ୍ତି, ସେମାନଙ୍କୁ ଚାଷ କରିବା ପାଇଁ ଶ୍ରମିକ ମିଳୁ ନାହାଁନ୍ତି । ସରକାରଙ୍କ ଅପରିଣାମଦର୍ଶୀ କାର୍ଯ୍ୟକ୍ରମ ଦେଶର ଚାଷୀମନଙ୍କ ପେଟକୁ ନାତ ମାରୁଛି । ଚାଷୀ ତାର ଉତ୍ପାଦ ଦ୍ରବ୍ୟକୁ ସଠିକ ଭାବେ ବଜାର କରି ପାରୁନାହିଁ କି ଉଚିତ ପ୍ରାପ୍ୟ ମଧ୍ୟ ପାଇ ପାରୁ ନାହିଁ । ଆଜି ଜଗତିକରଣ ଦେଶକୁ ବିକାଶର ଏକ ସୋପାନରେ ପହଂଚାଇ ଦେଇଥିବା ବେଳେ ଚାଷୀ ଆଜିବି ମଧ୍ୟସ୍ଥିମାନଙ୍କ କବଳରେ କବଳିତ । ଦେଶର ସରକାର ଚାଷୀମାନଙ୍କ କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ଚାଷର ଉନ୍ନତି ନ ହେବା ଯାଏ, ଉତ୍ପାଦନର ବୃଦ୍ଧି ନ ହେବା ଯାଏଁ, ଦେଶର ଅର୍ଥନୀତିର ବିକାଶ ହେବ ନାହିଁ, କି ସାଧାରଣ ଜନତାର ବିକାଶ ହେବ ନାହିଁ । ଚାଷୀର ମୁଣ୍ଡପିଛା ଆୟର ହିସାବ ସ୍ୱତନ୍ତ୍ର ଭାବରେ ହିସାବ ନ କରି ଦେଶର ସରକାରୀ ଚାକିରିଆ, କଳକାରଖାନାରେ କାମ କରୁଥିବା ଲୋକଙ୍କ ସହ ହିସାବ କରାଯାଉଛି, ଦେଶ ପୁଂଜିପତିର ରୋଜଗାର ଚାଷୀ ରୋଜଗାର ସହ ମିଶାଇ ବାହାବା ନେଉଛି, ଦେଶ ଆଗେଇଛି । ବାସ୍ତବ ଚିତ୍ର କଣ ? ଚାଷୀ ଆଜି ନିଜ ଚାଷ ଜମିକୁ ପଡିଆ ପକାଇ କୌଣସି କଳ କାରଖାନାରେ ଶ୍ରମିକ ଭାବେ କାମ କରୁଛି ତ ନହେଲେ ବାହାରକୁ ଯାଇ ଦାଦନ ଖଟୁଛି । ଚାଷରୁ ଏକ ନିର୍ଦ୍ଦିଷ୍ଟ ରୋଜଗାର ପାଇ ପାରୁ ନଥିବା ବେଳେ କେଉଁଠି ଶ୍ରମିକ ଭାବେ କାମ କଲେ ବେଳବୁଡକୁ ନିର୍ଦ୍ଦିଷ୍ଟ ବାବେ କିଛି ଟଙ୍କା ପାଇପାରୁଛି, ନିଜ ଗୁଜୁରାଣ ମେଂଟାଇବା ସହ ପୁଅ, ଝିଅ ଓ ସ୍ତ୍ରୀର ଆବଶ୍ୟକ ପୁରଣ କରିପାରୁଛି । ଆଲୋଚନା ମଧ୍ୟରେ ଏକ ମୁଖ୍ୟ ପ୍ରସଙ୍ଗ ହେଲା ଦରବୃଦ୍ଧି । ଆଜି ପ୍ରତ୍ୟେକ ଲୋକଙ୍କୁ ବାଧୁଛି ଦର ବୃଦ୍ଧି, କି ଧନି କି ଗରୀବ, କି କଂଗ୍ରେସ କି ବିଜେପି । କିଏ କହି ପାରୁଛି, ଆଉ କିଏ ଘର କୋଣେ ବସି କାନ୍ଦୁଛି, ଫରକ ଏତିକି । ଦରବୃଦ୍ଧି ହେଲେ ଦେଶର ବିକାଶ ହେବ ବୋଲି ଯେଉଁ ଅର୍ଥବିଶାରଦମାନେ ଭାବୁଛନ୍ତି, ତା' କେବଳ କାହାକୁ ତୋଷାମଦ କରୁଥିବା ପରି ଜଣାଯାଏ । ଦେଶ ସ୍ୱାଧିନ କାଳରୁ ବା ତାର ଢେର ବହୁ ଆଗରୁ କେତେକ ସାମଗ୍ରୀକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାବରେ ନେଇ ସେସବୁର ଦରକୁ କଦାପି ବଢିବାକୁ ଦେଇ ନ ଥାନ୍ତି । ଫଳରେ ତାହା ଦେଶର ଅନ୍ୟ ଉତ୍ପାଦ ସାମଗ୍ରୀ ଉପରେ ପ୍ରଭାବ ପକାଇ ନ ଥାଏ । କିନ୍ତୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକର ଦର ପ୍ରଭାବିତ ହେଲା ଭଳି କୌଣସି ପଦକ୍ଷେପ ନେବାକୁ କୌଣସି ସରକାର ସାହସ କରନ୍ତି ନାହିଁ । ଏହା ଦ୍ୱାରା ସାଧାରଣ ଜନତା ଉପରେ ତାର ପ୍ରତ୍ୟକ୍ଷ ପ୍ରଭାବ ପଡିଥାଏ । ବର୍ତମାନ ସମୟରେ ପେଟ୍ରୋଲ ଓ ଡିଜେଲ ହିଁ ପ୍ରତ୍ୟେକ କ୍ଷେତ୍ରରେ ଏକ ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିଛି, ଚାଷଠାରୁ ଗମନାଗମନ ସହ ପରିବହନ ବିନା କୌଣସି କାର୍ଯ୍ୟ ସମାହିତ ହୋଇପାରିବ ନାହିଁ । ଚାଷୀ ପାଇଁ ଟ୍ରକ୍ଟରର ଆବଶ୍ୟକତା ଯେମିତି ରହିଛି, ସେହିଭଳି ତେଲ ବିନା ଚାଷ କରିପାରିବ ନାହିଁ । କିନ୍ତୁ ତୈଳ ଦର ଯେଭଳି ଭାବରେ ବଢିଛି ସରକାର ସେହି ହାରରେ ଚାଷୀମାନଙ୍କର ଉତ୍ପାଦ ସାମଗ୍ରୀର ଦର ବଢାଇ ନାହାନ୍ତି । ଯଦି ଚାଷୀ ଉତ୍ପାଦ ସାମଗ୍ରୀର ଦର ନିର୍ଦ୍ଧାରଣ କରିବ, ତେବେ ସେହି ଦର ନିଶ୍ଚିତ ପକ୍ଷେ ଗ୍ରହଣୀୟ ହେବ ନାହିଁ । ଚାଷୀ ଯେତେବେଳେ ତାର ଉଚିତ ମୂଲ୍ୟ ନ ପାଇବ, ତେବେ ଚାଷ କାହିଁକି କରିବ ? ଏ ସମସ୍ତ କଥାକୁ ସାମଗ୍ରିକ ଭାବରେ ଆଲୋଚନା କରିବାକୁ ହେଲେ ସରକାର ଦରକୁ ଯେ କୌଣସି ପ୍ରକାରେ ସ୍ଥିରତା ରଖିବା ଆବଶ୍ୟକ । ନଚେତ ଦେଶର ସମସ୍ତ ସାମଗ୍ରୀର ଦର ବୃଦ୍ଧି ହେବ । କିଛି ଲୋକଙ୍କର ମତ ଯେ ଦେଶକୁ ବିକାଶ ଦିଗରେ ନେବାକୁ ହେଲେ ସରକାରଙ୍କର ଅର୍ଥର ଆବଶ୍ୟକ ରହିଛି, ସେ ଅର୍ଥ ସରକାର ଆଣିବେ କେଉଁଠୁ ? ଏହା କୌଣସି ପ୍ରକାରେ ଉଚିତ ଉତର ହୋଇ ନ ପାରେ । ଦେଶର ବିକାଶର ଧାରାକୁ ଚଳାଇବାକୁ ହେଲେ ସରକାର କୌଣସି ନା କୌଣସି ନୂତନ ପନ୍ଥା ବାହାର କରିବା ଆବଶ୍ୟକ । ଦେଶରେ ଥିବା ରାଷ୍ଟ୍ରାୟତ ଉଦ୍ଯୋଗଗୁଡ଼ିକୁ ଘରୋଇକରଣ ନାଆଁରେ ଯେଭଳି ଭାବରେ ଶାଗମାଛ ଦରରେ ପୁଂଜିପତି ହାତକୁ ଟେକି ଦିଆଯାଉଛି, ତା' ଦ୍ୱାରା ଦେଶର ବିକାଶ ହେବା ପରିବର୍ତେ ଦେଶରେ ବେକାରୀ ଓ ଶୋଷଣ ବହୁମାତ୍ରାରେ ବଢିବ । ସରକାର ଯେତେବେଳେ ମଙ୍ଗଳକାରୀ ଶାସନ ଦିଏ ସତେବେଳେ ଲୋକ ଆନନ୍ଦରେ କାଳାତିପାତ କରିବା ସହ ଜନାଦୃତ ହୋଇଥାଏ । ସରକାର ଯେଭଳି ଭାବରେ ତୈଳ ଉପରେ ଉତ୍ପାଦ ଶୁଳ୍କ ନେଉଛନ୍ତି, ତା ଜନମଙ୍ଗଳ ପରିବର୍ତେ ଜନବିରୋଧ ହୋଇଛି । ରାଜ୍ୟ ସରକାର ଭାଟ ଅଧିକ ନେଉଥିବା ମଧ୍ୟ ଆଲୋଚନା ହେଉଛି, ହେଲେ କେନ୍ଦ୍ର ସରକାର ରାଜ୍ୟ ସରକାରକୁ ତାଗିଦ କରିବା ପୂର୍ବରୁ ଉତ୍ପାଦ ଶୁଳ୍କ ଯଦି ୟୁପିଏ ସରକାର ସମୟର ନିଅନ୍ତେ, ତେବେ ରାଜ୍ୟ ସରକାରର ଅନୁରୂପ ଭାବରେ ଭାଟ କମ କରିବାକୁ ବାଧ୍ୟ ହୁଅନ୍ତେ । ପେଟ୍ରୋଲ ଓ ଡିଜେଲ ଦରର ସ୍ଥିରତା ଆସିଲେ, ଅନ୍ୟ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକର ଦରରେ ମଧ୍ୟ ସ୍ଥିର ହୁଅନ୍ତା । ଏଣୁ ଏ କଥା ଓଛ, ଦେଶର ବିକାଶ ଭଲ ଭାବରେ ହୋଇପାରନ୍ତା, ଯଦି ଦରରେ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଥିରତା ରଖନ୍ତେ ।



ଗୋପାଳ ଚନ୍ଦ୍ର ନାଥ

ସାମ୍ବାଦିକ, ଅନୁଗୋଳ । ମୋ- ୯୪୩୭୨୯୦୬୬୨

**ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।**

E-mail: editorpbkc@gmail.com
9853400829 (M), Fax: 0674-2550504

# ବନସ୍ତେ ଡାକୁନି ଗଜ

କରୋନା ସବୁ କିଛି ବିଗାଡି ଦେଇଛି । ରଜ ଫିକା ଫିକା ଲାଗୁଛି । ଆଗ ଭଳି ମନରେ ସରସତା ନାହିଁ । ପଞ୍ଝା ପଞ୍ଝା ହୋଇ ଘରକୁ ଘର ବୁଲି ଖୁସି ବାଂଟିବା, ପୋଡ ପିଠା ଖାଇବା, ଦୋଳି ଖେଳିବା, କବାଡି ଖେଳିବାର ସମୟ, ଖୁସି ସବୁ ଛଡାଇ ନେଇଛି କରୋନା । ବନସ୍ତେ ଆଉ ଡାକୁନାହିଁ ଗଜ । କରୋନା ଯୋଗୁଁ ପ୍ରବାସୀଙ୍କ ଘର ବାହୁଡା ହୋଇଛି କିନ୍ତୁ ଆମେ ଭୁଲିଯିବା ଉଚିତ ନୁହଁ ଏବେ ଆମେ ଗମ୍ଭୀର ସମସ୍ୟା ଦେଇ ଗତି କରୁଛେ । ଗାଁ ଦାଣ୍ଡରେ ଯୁବକମାନଙ୍କର ବାଗୁଡି, ତାସ, ପଶା ଏହି ପର୍ବକୁ ଆମୋଦିତ କରିଥାଏ । ଗ୍ରାମ୍ୟ କୁମାରୀମାନେ ରଙ୍ଗବେରଙ୍ଗର ନୂତନ ପୋଷାକ ଓ ପ୍ରସାଧାନ ସାମଗ୍ରୀରେ ସଜ୍ଜିତ ହୋଇ ପରିବେଶକୁ ଅଧିକ ଆକର୍ଷିତ କରିଥାନ୍ତି । ଉତ୍କଳୀୟ ପଲ୍ଲୀ ଜୀବନରେ ରଜପର୍ବ ପାଳନର ପରମ୍ପରା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କିନ୍ତୁ କରୋନା ସଚେତନତା ଦୃଷ୍ଟିରୁ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡିବ । ସବୁ କିଛି ପାଳନ କରିବା କିନ୍ତୁ କରୋନା କଟକଣା ମଧ୍ୟରେ । ପୃଥିବୀ, ବସୁଧା ମାତାର ଉକ୍ତ ଅବସ୍ଥାକୁ ନାରୀର ରଜସ୍ୱଳା ସମୟ ସହିତ ତୁଳନା କରାଯାଇପାରେ । ଯେହେତୁ ପୃଥିବୀ ବସୁନ୍ଧରା ମାତାକୁ ଛୁଇଁବା ମନା ଏଣୁ କୃଷକ ଭାଇମାନେ କୃଷି କର୍ମରୁ ଅବ୍ୟାହତ ନେଇ ବିଶ୍ରାମ ନେଇଥାନ୍ତି । କୁମାରୀମାନେ ପୃଥିବୀ, ଧରିତ୍ରୀ ମାତାକୁ ଆଘାତ ନଦେବା ପାଇଁ ଖାଲି ପାଦରେ ଚଲାବୁଲି କରନ୍ତି ନାହିଁ । ଏପରି ସ୍ଥଳେ କଦଳୀ ବାହୁଙ୍ଗା ପାଦରେ ବାନ୍ଧି ଚଳପ୍ରଚଳ କରିଥାନ୍ତି । ମିଥୁନ ସଂକ୍ରାନ୍ତିରେ ରଜ ସଂକ୍ରାନ୍ତି ପଡିଥାଏ । ଏହା ତିନି ଦିନ ପାଳନ କରାଯାଏ । ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ, ଆଷାଢରେ ପ୍ରଥମ ଦିନ ରଜ ସଂକ୍ରାନ୍ତି, ଦ୍ୱିତୀୟ ଦିନକୁ ଭୂମି ଦହନ ଭାବରେ ପାଳନ କରାଯାଏ । ଚତୁର୍ଥ ଦିନ ବସୁମତୀ ସ୍ନାନ ପାଳନ କରାଯାଏ । ଉକ୍ତ ଦିନ ପ୍ରତ୍ୟୁଷ ଗୃହିଣୀମାନେ ନବ ବସ୍ତ୍ର ପରିଧାନ କରି ତଥା ପୀଢା ଉପରେ କୃଷି ସରଞ୍ଜାମ ଥୋଇ ହଳଦୀ ପାଣିରେ ବସୁମାତାଙ୍କୁ ସ୍ନାନ କରାନ୍ତି । ତା ସହିତ ଫୁଲ, ଚନ୍ଦନ, ଦୁବ ଲଗାଇ ଧରିତ୍ରୀ ମାତାଙ୍କର ପୂଜା କରନ୍ତି । ରଜ ଉପଲକ୍ଷେ ପୋଡ ପିଠା, ରଜପାନ ଆଦି ଆଦୃତି ଲାଭ କରିଥାଏ । ଉପକୂଳବର୍ତୀ ଜିଲ୍ଲାମାନଙ୍କରେ କୁମାରୀ କନ୍ୟାମାନେ ସଜବାଜ ହୋଇ ଦୋଳି ଖେଳିଥାନ୍ତି । ନିକଟସ୍ଥ ପଡିଆ ଅବା ତୋଟା ବାଉଁଶ ଦୋଳିରେ ଝୁଲିଥାନ୍ତି । କିନ୍ତୁ ବର୍ତମାନର ସଂକଟ କାଳରେ ଏସବୁ ଥିରେ ସତେ ଯେମିତି ଗ୍ରହଣ ଲାଗିଯାଇଛି । କେବଳ ନିଜ ନିଜ ଘରେ ରହି ରଜପାଳନ କରିବାକୁ ନିର୍ଦ୍ଦେଶ ଅଛି । ମାତ୍ର ଉତର ଭାରତ (ଓଡ଼ିଶା)ରେ ଆଦିବାଦୀ ସମ୍ପ୍ରଦାୟର ଲୋକମାନେ ଦୋଳି ଝୁଲିବା ଗୀତ ବୋଲିବା ପ୍ରକ୍ରିୟା ଟିକେ ଭିନ୍ନ ହୋଇଥାଏ । ଏମାନେ ଗ୍ରାମରେ ପଟା ଦୋଳି, ଖାଇ ଦୋଳି, ବାକ୍ସ ଦୋଳି ଭଳି ବିଭିନ୍ନ ପ୍ରକାର ଦୋଳିର ପ୍ରଚଳନ ଥାଏ । ଏମାନେ ରଜ ଦିନ ସଜବାଜ ହୋଇ ବନ୍ଧୁ ଗ୍ରାମକୁ ଦୋଳି ଝୁଲିବା ପାଇଁ ବାହାରି ପଡନ୍ତି । ପୁଚିଖେଳ ସାଙ୍ଗକୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ।

ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତି ସାଙ୍ଗକୁ, ବିଭିନ୍ନ ପ୍ରକାର ଦୋଳି ବାନ୍ଧିବା, ରଜପାନ ପ୍ରସ୍ତୁତି କରାଯାଇଥାଏ । କୁମାରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ । କାହିଁ କେଉଁ ଆବାହାନ କାଳରୁ ଓଡ଼ିଶାର ଚାଷୀ କୂଳ ରଜପର୍ବ ପାଳନ କରିଆସୁଛି ତାହାର ଠୋସ୍ ପ୍ରମାଣ ନାହିଁ । କାରଣ ଏହା ଲୋକ ପର୍ବ । ଆଉ କୌଣସି ଲୋକ ପର୍ବର ଠୋସ୍ ପ୍ରମାଣ ନଥାଏ । ସେଥିଲାଗି ରଜପର୍ବ କେବେ ଆରମ୍ଭ ହେଲା ଏ ପ୍ରଶ୍ନର ଉତର ଖୋଜି ବାହାର କରିବା କଷ୍ଟକର । ତେବେ ଏକଥା ସତ ଯେ ରଜପର୍ବ ସହିତ ଯେଉଁ ଲୋକ ବିଶ୍ୱାସ ଓ ପରମ୍ପରା ଯୋଡି ହୋଇ ରହିଛି ତା ପଛରେ ରହିଛି ପ୍ରାଚୀନ ଓଡ଼ିଆ ଚାଷୀର ବିଜ୍ଞାନୀ ମାନସିକତା । ପ୍ରାଚୀନ କାଳରେ ଚାଷୀ ଭିତରେ ଏହି ଜ୍ଞାନ ଥିଲା ଯେ ଆଷାଢ ଆସିଲେ ହି ମାଟିରେ ଉତ୍ପାଦିକା ଶକ୍ତିର ବିକାଶ ଘଟିଥାଏ । ଋତୁ ଚକ୍ର ଅନୁଯାୟୀ ବର୍ଷା ଆସିବା ପୂର୍ବରୁ ପୃଥିବୀରେ ଜାରି ରହିଥାଏ । ଗ୍ରୀଷ୍ମ ଋତୁ ବୈଶାଖ ଓ ଜ୍ୟେଷ୍ଠ ମାସ ହେଉଛି ଗ୍ରୀଷ୍ମ ଋତୁ । ଏହି ଦୁଇ ମାସ ପ୍ରଚଣ୍ଡ ଗ୍ରୀଷ୍ମ ହୁଏ । ମାଟି ଶୁଖିଯାଇଥାଏ । ଆଷାଢ ମାସରେ ଆରମ୍ଭ ହୁଏ ହାଲୁକା ବର୍ଷା । ବର୍ଷା ପାଣି ପଡିବା ମାତ୍ରେ ମାଟି ବତୁରିବା ଆରମ୍ଭ କରେ ଶୁଖିଲା ମାଟି ଫଳରେ ବାୟୁ ଚଳାଚଳ ଭଲ ଭାବରେ କରିଥାଏ ମାଟି ଭିତରେ । ଏହା ଦ୍ୱାରା ମାଟି ଭିତରେ ଅନ୍ତରିଣ ବାୟୁ ନିକାଶ ପ୍ରଣାଳୀ ସୃଷ୍ଟି ହୁଏ । ଭୂଆଦ୍ରତା ବୃଦ୍ଧିପାଏ । ଏ ସବୁ ପ୍ରକ୍ରିୟା ଦ୍ୱାରା ମାଟିରେ ଏକ ରାସାୟନିକ ପ୍ରକ୍ରିୟା ସୃଷ୍ଟି ହୁଏ । ଯଦ୍ୱାରା ମାଟିରେ ଉର୍ବରତାର ସୂତ୍ରପାତ ହେବା ସଙ୍ଗେ ସଙ୍ଗେ ବୀଜ ବୁଣିବାର ବାଟ ଦେଖାଇଥାଏ । ଉତ୍କଳରେ ଚାଷୀ ଆଧୁନିକ ଯୁଗର ବିଜ୍ଞାନ ସମ୍ମତ ସମୟ ତଥା ରଜ ବାଛି ନେଇଛନ୍ତି । ଏହା ହେଉଛି ମୁଖ୍ୟତଃ ଝିଅ ବୋହୁମାନଙ୍କର ପର୍ବ । ଏହା ଉପକୂଳବର୍ତୀ ଅଂଚଳରେ ଅଧିବାସୀମାନଙ୍କର ଗଣପର୍ବ । ବି ଗରିବ, କି ଧନୀ, ସମସ୍ତେ ଏଥିରେ ମାତିଥାନ୍ତି । ପୁଚି ଖେଳ ସାଙ୍ଗକୁ, ଦୋଳି ଝୁଲିବା, ପୋଡପିଠା ସାଙ୍ଗକୁ ଅନ୍ୟାନ୍ୟ ରଜ ପିଠା ଖାଇ ରଜପାନ ଖାଇ କେବଳ ମଉଜ ମଜଲିସ୍ ଏହି ତିନିଦିନ କରିଥାନ୍ତି । ସାଙ୍ଗସାଥି ମାନଙ୍କ ସହ ମିଶି ରଜ ପାଳିବା ଖୁସି ମନାଇବା । ଏହିଥର କରୋନା ଛଡାଇ ନେଇଛି । ଘରକୁ ଘର ବୁଲି ଦୋଳି ଖେଳିବା, ପିଠା ସାଙ୍ଗକୁ ପାନର ମଜା ନେବା ଗତ ଦୁଇ ବର୍ଷ ହେଲା କରୋନା ଗ୍ରହଣ ଲଗାଇ ଦେଇଛି । କରୋନା କଟକଣାରେ ରଜପାଳନ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଅଛି । ଏଇଥର ବାହାରେ ଅର୍ଥାତ୍ ଖୋଲାପଡିଆରେ କିମ୍ବା ଆମ୍ବ ତୋଟାରେ ଦୋଳି ବନ୍ଧାଯାଇ ନାହିଁ । ରଜ ଦୋଳିର ସେଇ କଟମଟ ଶବ୍ଦ ଆଉ ଦୁଇବର୍ଷ ହେଲା ଶୁଭୁନାହିଁ କି 'ବନସ୍ତେ ଡାକିଲା ଗଜ' ଗୀତ ଶୁଣିବାକୁ ମିଳୁନାହିଁ । କବାଡି କବାଡି ଡାକ ମଧ୍ୟ ଶୁଣିବାକୁ ମିଳୁନାହିଁ । ସତେ ଯେମିତି ସବୁକିଛି ଫିକା ପଡିଯାଇଛି । ଏଇ କରୋନା ଯୋଗୁଁ ସବୁ କିଛି ଖୁସି, ଆନନ୍ଦ ଛଡାଇ ନେଇଛି କରୋନା । ଝିଅ ବୋହୁମାନଙ୍କ ମନରେ ଗ୍ରହଣ ଲାଗି ଯାଇଛି । ମନରେ ସରସତା ନାହିଁ । ଜ୍ୟୋତିଷଙ୍କ ମତରେ ଚଳିତ ରଜ ସଂକ୍ରାନ୍ତିରେ ପ୍ରଭାବ ଦ୍ୱାଦଶାହି ରାଶି ଉପରେ ଭଲ ପ୍ରଭାବ ପକାଇବା ପ୍ରାୟତଃ ସବୁ ରାଶି, ଗ୍ରହ ଉପରେ ଶୁଭ ମାଙ୍ଗଳିକ ଫଳ ପ୍ରଦାନ କରିବ । ବଡ ଠାରୁ ସାନ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ନୁଆଁ ପୋଷାକ ତଥା ଲୁଗାପଟାର ବରାଦ ଦିଆଯାଇଥାଏ । ଏଇଥର କଥା ରଜ ଆସିବ କିନ୍ତୁ ତଥାପି ଗଛରେ ବାଉଁଶ ଦୋଳି ଲାଗିବନି । ଏ କେମିତିକା କଥାସବୁ ବନ୍ଧୁବାନ୍ଧବଙ୍କ ଘରେ ରୁଣ୍ଡ ହେବା କଥା କିନ୍ତୁ କରୋନା ଏସବୁ ଉପରେ ରୋକ୍ ଲଗାଇ ଦେଇଛି । କେହି କାହା ଘରକୁ ଯାଇପାରିବେ ନାହିଁ । ନିଜ ନିଜ ଘରେ ରହି କରୋନା କଟକଣାରେ ହିଁ ପାଳିବେ ରଜ । ଯାହା ହେଉ ରଜ ପାଳିତ ହେବ, କିନ୍ତୁ ନିରାଡମ୍ବର ଭାବେ କରୋନାକୁ ଆଖି ଆଗରେ ରଖି ଜୀବନକୁ ମୂଲ୍ୟବାନ ବୋଲି ମଣି ରଜ ଉତ୍ସବ ପାଳିବା ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ
ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ମହାରଷି ମଧୁସୂଦନ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର । ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ । ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା । ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ । ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ । ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଡେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ । ମଧୁସୂଦନ ଥିଲେ ମରହଟ୍ଟା ବଂଶଜ । ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି । ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ । ସେ ଥିଲେ ମଧୁସୂଦନଙ୍କ ଅଜା । ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି । ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି –

"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପଞ୍ଚମୀ
ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି
ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ । ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ । ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା । ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ' । ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ । ପରେ କନ୍ୟାଟିର ମୃତ୍ୟୁ ଘଟିଲା । ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ । ମାମୁଁ ମାଇ ତାଙ୍କୁ ପାଳିବେ । ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ । କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା । ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି । ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ । ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ । ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ । ବର୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା । ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି । ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି । ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି । ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ । ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ । ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ ।



ଅକ୍ଷୟ କୁମାର ରାଉତ

ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା । ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ । ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା । ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ । ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ । ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ । ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ । ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ । ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ । ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ ପରିଦର୍ଶନରେ ଗଲେ । ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଡାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ । ତାଙ୍କର ରହିବା ପାଇଁ ମଧ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା । ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ । ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ । ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ । ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ । ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ । ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ । ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ । ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା । ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ । ୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା । ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ । ଗାଁ ଗଣ୍ଡା ସବୁ ପଦା ହୋଇଗଲା । ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର । ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡ଼ା ଓ ଚାଉଳ ବାଣ୍ଟିବାକୁ ଲାଗିଲେ । ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ । ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା । ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ । ଦ୍ୱିତୀୟ ଥର ମଧ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ । ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ । ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୃଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ । ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ । ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ । ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ । ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା । ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ । ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ କଟକ ଆସି ପାଠପଢ଼ିଲେ । କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ । ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ । ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା । ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା । ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ । କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ ।

ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା । କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ । ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭାତୃତ୍ୱକୁ କୁଠାରଘାତ କରୁ । ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ । ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି । ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ । ସେଠାରେ ପତ୍ନୀ ପଦ୍ମାବାଈ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ । ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା । ୧୮୭୩ ମସିହାରେ ମଧୁସୂତନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ । ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା । ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ । ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ । ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ । ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ । ସେଗୁଡିକ ମଧ୍ୟରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି । ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ । ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ । ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ । ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ' । ୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍‌ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ । ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ ଲେଖିଥିଲେ । 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ ପ୍ରକାଶ କରିଥିଲେ । ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି । ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ । ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ । ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ । 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ ।

ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା । ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ । ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲ । ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ । କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ । ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ । ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ । ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା । ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ । ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ । ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା । ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା । ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ' । ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା । ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ । କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣ୍ଡୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି :-

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।"

ଗୃହର ଶାନ୍ତି ଦେଖି ଫକୀର ମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାରଷି । ଈଶ୍ୱରଙ୍କ ପରମ ସତ୍ତା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି । ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ । ଇଂରେଜ ସରକାର ତାଙ୍କୁ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ । ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ । ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା । ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ । 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ । ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ ।

ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ । ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ । ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି-

"ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ ପ୍ରାଣେ ସନ୍ତତ
ହେ ଦେବ ! ଉତ୍କଳର ଇତିହାସରେ
ଶ୍ରୀ ମଧୁସୂଦନ ଭକ୍ତକବି ନାମ
ରହିଲା ସୁବର୍ଣ୍ଣ ଅକ୍ଷରେ"

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫




# ଦିଲ୍ଲୀ ପୋଲିସ ନାମରେ ଟଙ୍କା ଲୁଟୁଛନ୍ତି କମ୍ପ୍ୟୁଟର ହ୍ୟାକର

କନ୍ଧମାଳ: କମ୍ପ୍ୟୁଟର ହ୍ୟାକର ମାନେ ପୂର୍ବରୁ ଲୋକଙ୍କର ଏବଂ ନାମିଦାମୀ ଅନୁଷ୍ଠାନ ଗୁଡିକର ଡାଟା ହ୍ୟାକିଙ୍ଗ କରୁଥିଲେ । ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ମଧ୍ୟ ଟଙ୍କା ଉଠାଇ ନେବାର ନଜୀର ମଧ୍ୟ ରହିଛି । ଏଥିପାଇଁ ପୋଲିସ ଏବଂ କେନ୍ଦ୍ର ସାଇବର ଠକେଇ ରୋକିବା ବିଭାଗ ତରଫରୁ ଲୋକଙ୍କୁ ନାନା ପ୍ରକାରର ସଚେତନତା ମଧ୍ୟ କରାଯାଇଛି । ଏହାଦ୍ୱାରା ଲୋକେ ସଚେତନ ମଧ୍ୟ ହେଉଛନ୍ତି । ଯାହାର ପରିଣାମ ସ୍ୱରୁପ ସାଇବର ଠକ ମାନେ ସେମାନଙ୍କର କାର୍ଯ୍ୟରେ ସଫଳ ହେଉନାହାନ୍ତି । ସେଥିପାଇଁ ସେମାନେ ବିଭିନ୍ନ ନୂତନ ଉପାୟରେ ସାଇବର ଠକେଇ କରିବାକୁ ବାଟ ବାହାର କରୁଛନ୍ତି । ସେହିପରି ଏକ ଘଟଣା ନଜରକୁ ଆସିଛି । ଫୁଲବାଣୀ ନଦିଖଣ୍ଡି ସାହିର ପ୍ରସାଦ ସୋନୁ ନାମ ଜଣେ ତରୁଣ ତାଙ୍କ ଘରେ ଥିବା ଲାପ୍‌ଟପରେ ୟୁଟ୍ୟୁବ ଖୋଲି ଚିତ୍ର କରୁଥିବା ବେଳେ ହଠାତ୍ ତାଙ୍କର ଲାପ୍‌ଟପଟି ବନ୍ଦ ହୋଇଯିବା ସହିତ ତାଙ୍କର ଡିସପ୍ଲେ ସ୍କ୍ରିନରେ ନୂଆଦିଲ୍ଲୀ ପୋଲିସ ପକ୍ଷରୁ ତାଙ୍କର ଲାପଟପଟି ବ୍ଲକ କରାଯାଇଥିବା ଏବଂ ସେ ଅଶ୍ଳୀଳ ଭିଡିଓ ଦେଖୁଥିବା ଅଭିଯୋଗ କରି ତାଙ୍କୁ ୪ ହଜାର ଟଙ୍କା ଫଇାନ କରାଯାଇଥିବା ନେଇ ଦିଲ୍ଲି ପୋଲିସର ଏକ ଜାଲ ନୋଟିସ ପଠାଇଥିଲା ହ୍ୟାକର । ତୁରନ୍ତ ଏହି ଫାଇନ ୪ ହଜାର ଟଙ୍କା ଅନଲାଇନ ଜରିଆରେ ଏକ ଜାଲ୍ ବାରକୋର୍ଡକୁ ସ୍କାନକରି ଜମା କରିବାକୁ କୁହାଯାଇଥିଲା । ଏହି ଟଙ୍କା ଜମା ନକଲେ ତାଙ୍କୁ ତୁରନ୍ତ ପୋଲିସ ତାଙ୍କୁ ଗିରଫ କରିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା ସେଥିରେ । ଏହାପରେ ସୋନୁଙ୍କ ବାପା ଫୁଲବାନୀରେ ପ୍ରଶାନ୍ତ କୁମାର ବେହେରା ଯିଏକି ଜଣେ ସାମ୍ବାଦିକ ଭାବରେ କାର୍ଯ୍ୟ କରୁଛନ୍ତି । ଏହି ସଂକ୍ରନ୍ତରେ ସେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରାୱଲଙ୍କୁ ସୁଚନା ଦେବା ସହିତ ଫୁଲବାଣୀ ପୋଲିସ ବିଭାଗର ସାଇବର ପ୍ରଶିକ୍ଷିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଯୋଗାଯୋଗ କରିବା ସହିତ ଫୁଲବାଣୀର କିଛି କମ୍ପ୍ୟୁଟର ପ୍ରଶିକ୍ଷିତ ବ୍ୟକ୍ତିଙ୍କୁ ପଚରାଉଚୁରା କରିବା ସହିତ ସେମାନଙ୍କର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥିଲେ । ଯାହା ଦ୍ୱାରା ତାଙ୍କର ଲାପଟପଟି ୪ ଘଣ୍ଟା ପରେ ସାମାନ୍ୟ ଭାବରେ କାମ କରିବାରେ ସକ୍ଷମ ହୋଇଥିଲା । ତେବେ ଏହି ନୁତନ ପ୍ରଣାଳିରେ ସାଇବର ଠକ ମାନେ ଲୋକଙ୍କଠାରୁ ଟଙ୍କା ଲୁଟିବା ଉଦ୍ୟମ କରୁଛନ୍ତି ବୋଲି ପୋଲିସ ବିଭାଗର ସାଇବର ଏକ୍ସପର୍ଟ ଏବଂ ଅଭିଜ୍ଞ ବ୍ୟକ୍ତିମାନେ କହିଛନ୍ତି । ଏଥିପାଇଁ ଜନ ସାଧାରଣ ମଧ୍ୟ ସଚେତନ ହେବାର ଆବଶ୍ୟକତା ରହିଛି ।

## ସର୍ଟ ସର୍କିଟ୍ ଅଗ୍ନିକାଣ୍ଡରୁ ଜଳିଗଲା ୩ ପରିବାରର ୪ ବଖରା ଘର

ଭଦ୍ରକ: ବିଳମ୍ବିତ ରାତିରେ ଏହି ଜିଲାର ଆରଡି ନିକଟସ୍ଥ ଓଳଗ ପଂଚାୟତ ବୋଡକ ଗାଁର ମାଝୀସାହିରେ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୪ ବଖରା ଘର ଭସ୍ମୀଭୂତ ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ମାଝୀସାହିର ଲୋକେ ଗତକାଲି ରାତିରେ ଖାଇ, ପିଇ ଶୋଇବା ପରେ ବିଳମ୍ବିତ ରାତିରେ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି କିଶୋର ମାଝୀ, ସର୍ବେଶ୍ୱର ମାଝୀ, ବିଶ୍ୱମ୍ଭର ମାଝୀଙ୍କ ପରି ୩ ପରିବାରଙ୍କର ୪ ବଖରା ଘର ସଂପୂର୍ଣ୍ଣ ଜଳିଯିବା ସହ ଘରେ ଥିବା ସମସ୍ତ ଆସବାବ ପତ୍ର ଧାନ, ଚାଉଳ, ଜମିଜମା କାଗଜପତ୍ର ଭଳି ଲକ୍ଷାଧିକ ଟଙ୍କାର ସଂପତି ପୋଡି ଭସ୍ମୀଭୂତ ହୋଇଛି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## ମୟୂରଭଞ୍ଜ: ଆଜି ଜିଲ୍ଲାରୁ ୨୧୬ ନୂଆ କରୋନା ପଜିଟିଭ ଚିହ୍ନଟ ; ୨ ମୃତ

ବାରିପଦା: ଜୁନ ୧୩ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୪,୪୬୯ କରୋନା ପଜିଟିଭ କେଶ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ଗତ ୨୪ ଘଂଟା ମଧ୍ୟରେ ୨୧୬ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୨,୬୭୯ରେ ପହଂଚିଛି । ସେହିପରି ଜୁନ ୧୩ ପର୍ଯ୍ୟନ୍ତ ଜିଲ୍ଲାରୁ ୯୧.୬୨ ପ୍ରତିଶତ ହାରରେ ୨୯,୯୪୧ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୮.୦୪ ପ୍ରତିଶତ ହାରରେ ୨,୬୨୬ ଜଣ ସକ୍ରିୟ ଥାଇ ବାଙ୍କିଶୋଳ କୋଭିଡ୍ ହସପିଟାଲ, ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼, କୋଭିଡ଼ କେୟାର ସେଂଟର ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଥିବା ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ଆଜି ଜିଲ୍ଲାରୁ ଚିକିତ୍ସାଧିନ ଅବସ୍ଥାରେ ଜଣେ ୬୩ ବର୍ଷିୟା ମହିଳା ଓ ଅନ୍ୟ ଜଣେ ୪୨ ବର୍ଷର ଯୁବକଙ୍କୁ ମିଶାଇ ୨ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

# କେନ୍ଦୁଝରେ ଭଳି ଧନୀ ଜିଲ୍ଲାରେ ବିକାଶର ବିକଳ ଚିତ୍ର:ଅର୍ଦ୍ଧାହାର ଅନାହାରରେ ଦୁର୍ବିସହ ଜୀବନ ବିତାଉଛନ୍ତି ଆଦିବାସୀ ପ୍ରଜା, ନିଦାବିଷ୍ଟୁ ପ୍ରଶାସନ

କେନ୍ଦୁଝରେ : ଧନୀ ଜିଲ୍ଲା ଭାବେ ଗଣା ହେଉଛି କେନ୍ଦୁଝରେ । କିନ୍ତୁ ସ୍ୱାଧିନତାର ଦୀର୍ଘ ପ୍ରାୟ ୭୩ବର୍ଷ ପରେ ମଧ୍ୟ ଏହି ଧନୀ ଜିଲ୍ଲାରେ ଦେଖିବାକୁ ମିଳୁଛି ଭଳିକିଭଳି ବିକାଶର ବିକଳ ଚିତ୍ର । ଯାହା ପ୍ରତ୍ୟେକ ଲୋକକୁ କେବଳ ବିଚଳିତ କରିବ ନାହିଁ ବଂର ଅଧିକନ୍ତୁ ଲଜ୍ଜାରେ ମୁଣ୍ଡ ନୁଆଇଁ ଆଣିବ । ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାର ମାଟିର ସନ୍ତାନ, ଆଦିବାସୀପ୍ରଜା ଆଜି ବି ଅର୍ଦ୍ଧାହାର ଓ ଅନାହାର ମଧ୍ୟରେ ବଂଚିବା ଲାଗି ସଂଗ୍ରାମ କରୁଛି ଏଠାରେ । ଏହାଠାରୁ ବଳି ଦୁର୍ଭାଗ୍ୟପୁର୍ଣ୍ଣ ଘଟଣା ଜିଲ୍ଲା ପାଇଁ କଣ ବା ହୋଇପାରେ । ଦାରିଦ୍ର ସୀମାରେଖାର ନିର୍ଦ୍ଦିଷ୍ଟ ସରକାରୀ ଗାଇଡଲାଇନନୁଯାୟୀ ଏହାର ସୀମାରେଖା ତଳେ ରହିଥିବା ସମାଜର ଦଳିତ ଅବହେଳିତ ଗରୀବ ପରିବାରବର୍ଗଙ୍କ ପାଇଁ ସରକାରଙ୍କ ମାଳ ମାଳ ଯୋଜନା । କିନ୍ତୁ ସଂପୃକ୍ତ ଲୋକାଭିମୁଖୀ ଯୋଜନା ଗୁଡିକ ଯେ ଆଜି ବି ଉର୍ଦ୍ଧିଷ୍ଟ ବର୍ଗର ଲୋକମାନଙ୍କ ଠାରୁ ବହୁଦୂରରେ ତାହାର ନିଛକ ଚିତ୍ର ଦେଖିବାକୁ ମିଳିଛି ଝୁମ୍ପୁରା ବ୍ଲକ ଅଂଚଳରେ । ଯାହାକି ଜିଲ୍ଲା ପ୍ରଶାସନିକ ବ୍ୟବସ୍ଥାର ସ୍ଥାଣୁତାଓ ଅପାରଗତାକୁ ସ୍ପଷ୍ଟ କରିଛି । ଅବଶ୍ୟ ଏହାକୁ ଭାତହାଣ୍ଡିରୁ ଗୋଟିଏ ବୋଲି କୁହାଯାଇପାରେ । ଝୁମ୍ପୁରା ବ୍ଲକର ବାଲିବନ୍ଧ ଗ୍ରାମ ପଂଚାୟତ ଅନ୍ତର୍ଗତ କାଶିପାଳ ଗ୍ରାମର ଛୁଟୁ ସାହି । ଛୁଟୁ ସାହିର ଜଙ୍ଗଲ ପାର୍ଶ୍ୱକୁ ରୁହନ୍ତି ୨୫ଟି ଆଦିବାସୀ ପରିବାରର ୧୦୦ରୁ ଉର୍ଦ୍ଧ ସଦସ୍ୟ । ଅତୀବ ଦୁସ୍ଥ ଜୀବନ ନିର୍ବାହ କରୁଥିବା ଏହି ଆଦିବାସୀ ପରିବାର ବଂଚିବା ଲାଗି ଅହରହ ସଂଗ୍ରାମରତ । ସରକାରୀ ଅଧିକାରୀଙ୍କ ପାଦ ପ୍ରାୟତଃ ପଡେନାହିଁ ଏହି ଗ୍ରାମରେ । ଏମାନଙ୍କର ଘର କହିଲେ ଭଙ୍ଗା ଚାଳ ଛପର ନୁଆଁଣିଆ ପଲଥିନ ଢଙ୍କା ଘର । ବର୍ଷା ହେଲେ ଘରଭିତରେ ଆଣ୍ଠୁଏ ପାଣି ସଙ୍ଗକୁ ଦିନବେଳା ସୂର୍ଯ୍ୟ ଓ ରାତିରେ ତାରାଙ୍କର ପ୍ରକୋପ ରହିଥାଏ । ସରକାରୀ ଆବାସ ଯୋଜନା ଏମାନଙ୍କ ପାଇଁ ସାତ ସପନ । ଘର ଖଣ୍ଡିଏ ପାଇଁ ବାରମ୍ବାର ନେହୁରା ହେବାପରେ ବ୍ଲକ ପ୍ରଶାସନର କୃପାରୁ କେତେକଙ୍କୁ ୪ଡେସିମିଲ ଜମି ମିଳିଥିଲେ ମଧ୍ୟ ଚିହ୍ନଟ କରାଯାଇ ଦଖଲ କିମ୍ବା ପଟ୍ଟା ଦିଆଯାଉନାହିଁ । ସୌଭାଗ୍ୟ ଯୋଜନାରେ ୨ବର୍ଷ ପୂର୍ବେ ବିଜୁଳି ଖୁଣ୍ଟ ପୋତା ଯାଇଛି ସତ ହେଲେ ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ । ସ୍ୱାସ୍ଥ୍ୟସେବା ଏମାନଙ୍କ ପାଇଁ ଅପହଁଚ ଥିବାବେଳେ ଶିଶୁମାନେ ଅପପୁଷ୍ଟିର ଶିକାର । କହିବାକୁ ଗଲେ ସ୍ୱାଧୀନ ଭାରତବର୍ଷରେ ଏମାନେ ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ ।ୟାସ ବାତ୍ୟା ସମୟରେ ଆର.ଆଇ. ଗୋଟିଏ ପଲଥିନକୁ ଦୁଇଖଣ୍ଡ କରି ଏମାନଙ୍କୁ ଧରାଇଦେଇ କାମସାରିଦେଲେ । ଗୋଟିଏ ଦିନର ରନ୍ଧାଖାଦ୍ୟ ଦେଇ ମୁହଁ ମୋଡିନେଲେ ବି.ଡିଓ । ଦୁଇଦିନ ସଂପୁର୍ଣ୍ଣ ଅନାହାରରେ ରହିବାକୁ ପଡିଥିଲା ଏମାନଙ୍କୁ । ଅର୍ଦ୍ଧାହାର ଓ ଅନାହାରରେ ରହୁଥିବା ଏହି ଅସହାୟନିରାଶ୍ରୟଙ୍କ ଅବସ୍ଥାକୁ ପ୍ରଶାସନର ଅଣଦେଖା ମନୋଭାବ ଦୁଃଖ ଦେଇଥିବା କହିଛନ୍ତି ନବ ତନ୍ତି, ପ୍ରକାଶ ବେଣ୍ଟକାର, ବୁଲୁ ବେଣ୍ଟକାର ସଞ୍ଜୟ ବେଣ୍ଟକାର ପ୍ରମୁଖ । ଏମାନଙ୍କର ଦୟନୀୟସ୍ଥିତି କେତେକ ସାମ୍ବାଦିକଙ୍କର ଦୃଷ୍ଟିକୁ ଆସିବାପରେ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ସେମାନେ ପ୍ରଥମେ ୧୫ଦିନର ରେସନ ସହ ଶୁଖିଲା ଖାଦ୍ୟ ସେମାନଙ୍କ ନିକଟରେ ପହଂଚାଇଥିଲେ । ଗଣମାଧ୍ୟମରେ ଖବରପ୍ରକାଶ ପରେ କେନ୍ଦୁଝର ଜିଲା ଭାଜପା ସଭାପତି ଅଂଶୁମାନଙ୍କ ନେତୃତ୍ୱରେ ଭଜପାର କର୍ମକର୍ତାମାନେ ପହଂଚି ସେମାନଙ୍କୁ ମାସ୍କ, ପଲିଥିନ, ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ । ପରେପରେ ରାଷ୍ଟ୍ରିୟ ଅନୁସୂଚିତ ଜନଜାତି ଆୟୋଗଙ୍କ ସଦସ୍ୟ ଅନନ୍ତ ନାଏକ ପ୍ରମୁଖ ପହଂଚିବା ପରେ କୁଆଡେ ପ୍ରଥମଥରପାଇଁ ପ୍ରଶାସନ ଅଧିକାରୀଙ୍କର ପାଦ ପଡିଥିଲା ଗ୍ରାମରେ । ଏବଂ ବିଭିନ୍ନ ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରିବାକୁ ଦେଖାଇଥିଲେ ଆଗ୍ରହ । କିନ୍ତୁ ଏଭଳି ଘଟଣାରେ ଉତରଦାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସରକାରଙ୍କ ସ୍ୱଚ୍ଛ ବ୍ୟବସ୍ଥା ପ୍ରତି ଉପହାସ ନୁହେଁକି ? ଜିଲ୍ଲାର ଭାଗ୍ୟବିଧାତା ସାଜିଥିବା ଏହି କର୍ଣ୍ଣଧାର ପ୍ରଶାସନ ହାତରେ ଜିଲ୍ଲାବାସୀଙ୍କ କେତେଦୂର ସୁରକ୍ଷିତ ତାହା ଅବଶ୍ୟ ବିଚାର୍ଯ୍ୟର ବିଷୟ ବୋଲି ପ୍ରଶ୍ନ ଉଠାଇଛନ୍ତି ସଚେତନ ନାଗରିକମାନେ ସରକାର ଏଦିଗରେ ବିଚାର କରିବା ଆବଶ୍ୟକ ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# ଭଦ୍ରକ -୧୬୫ ଆକ୍ରାନ୍ତ ଚିହ୍ନଟ, ଆଉ ୩ ମୃତ

ଭଦ୍ରକ : ଭଦ୍ରକ ଜିଲ୍ଲାରୁ ଆଉ ୧୬୫ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୪ ଘଂଟାରେ ଆଉ ୩ ଜଣଙ୍କ ମୃତ୍ୟୁ ହୋଇଛି । ଜିଲ୍ଲାରୁ ମୋଟ ୪ ଲକ୍ଷ ୨୬ହଜାର ୪୭୧ ନମୁନା ପରୀକ୍ଷା ପରେ ମୋଟ ୧୯ ହଜାର ୭୦୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ୨୪ ଘଂଟାରେ ଆଉ ୪୧୩ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ହୋଇଛି ୧୭ ହଜାର ୧୨୩ ଜଣ । ଏବେ ସକ୍ରିୟ ଆକ୍ରାନ୍ତ ୨୫୪୨ ଥିବା ବେଳେ ମୃତ୍ୟୁ ସଂଖ୍ୟାରେ ଆଉ ୩ ବୃଦ୍ଧି ପାଇ ମୋଟ ମୃତକ ହୋଇଛନ୍ତି ୪୦ । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ପୌରପାଳିକାର ନୂଆବଜାରରୁ ଜଣେ, ବରାଳପୋଖରୀରୁ ୩ଜଣ, ଅପର୍ତିବିନ୍ଧାରୁ ୨ଜଣ, କୁଆଁସରୁ ଜଣେ, ଚରମ୍ପାରୁ ୩ଜଣ, ବାଗୁରାଇରୁ ଜଣେ, ବାସୁଦେବପୁର ବ୍ଲକର ଅଡୁଆଁ ଗ୍ରାମରୁ ଜଣେ, ଅରଣ୍ଡୁଆରୁ ଜଣେ, ବିଦେଇପୁରରୁ ଜଣେ, ଇରମରୁ ଜଣେ, କୁମାରପୁରରୁ ଜଣେ, ସୁଗୋ ଗ୍ରାମରୁ ଜଣେ, ଜଗନ୍ନାଥପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ବନ୍ତ ବ୍ଲକର ଚାରିଗାଁ ଗ୍ରାମରୁ ଜଣେ, ବୋଡକ ପାଟଣା ଗ୍ରାମରୁ ୧୦ ଜଣ ଚିହ୍ନଟ ହୋଇଛନ୍ତି, ଚାନ୍ଦବାଲି ଏନ୍‌ଏସିରୁ ୱାର୍ଡ ନଂ ୮ରୁ ଜଣେ, ୱାର୍ଡ ନଂ ୪ରୁ ୩ଜଣ ଚିହ୍ନଟ, ଭଦ୍ରକ ବ୍ଲକର ଆମ୍ବରୋଳିରୁ ଜଣେ, ଅର୍ଣ୍ଣପାଳରୁ ୪ଜଣ, ବନ୍ଧଗାଁରୁ ଜଣେ, ବାଣିତିଆରୁ ଜଣେ, ବେତରାରୁ ଜଣେ, ନଳାଙ୍ଗରୁ ୫ଜଣ, କେଦାରପୁରରୁ ଜଣେ, କଲେଇରୁ ଜଣେ, କୋଡବରୁଁଆରୁ ଜଣେ, ଖଣ୍ଡତଡା ଗ୍ରାମରୁ ଜଣେ, ଗୋବିନ୍ଦପୁରରୁ ୪ଜଣ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ବ୍ଲକର ଓସ୍ତିଆରୁ ଜଣେ, ବାଂଶଡାରୁ ଜଣେ, ଭାଟପଡାରୁ ୨, ଭୁଇଁବୃତିରୁ ଜଣେ, ଧାମରାରୁ ୧୫, ଜାଗୁଳାରୁ ୨, ଜଳେଶ୍ୱରପୁରରୁ ୨, କଇଥଖୋଲାରୁ ଜଣେ, କରଞ୍ଜମାଳରୁ ଜଣେ, ମାଧପୁରରୁ ଜଣେ, ମତୋରୁ ଜଣେ, ନରେନ୍ଦ୍ରପୁରରୁ ଜଣେ, ନୂଆଗାଁରୁ ଜଣେ, ଓରାସାହିରୁ ୨ଜଣ, ନଳଗୋହିରାରୁ ୩ଜଣ, ତୋଟାପଡାରୁ ଜଣେ ଓ ତେନ୍ତୁଳିଡିହିରୁ ୨ଜଣ ଚିହ୍ନଟ ହୋଇଛନ୍ତି । ତିହିଡ଼ି ବ୍ଲକର ଭାଟପଡାରୁ ଜଣେ, ଗୁଆମାଳରୁ ୨, ଗୋବିନ୍ଦପୁରରୁ ଜଣେ, ସୟାରୁ ଜଣେ, କାଁପଡାରୁ ଜଣେ ଓ ସିନ୍ଦୋଳରୁ ଜଣେ, ଧାମନଗର ବ୍ଲକର ବମକୁରାରୁ ଜଣେ, ଭଗବାନପୁରରୁ ଜଣେ, ଦୋବଲରୁ ୨ଜଣ, ରଇପୁରରୁ ୮, ଫତେପୁରରୁ ଜଣେ ଚିହ୍ନଟ ହୋଇଛନ୍ତି । ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀରୁ ୫ଜଣ, ନାଆମୀରୁ ୨ଜଣ, ଜଳମଣ୍ଡୁଆରୁ ୩୨ଜଣ, ନେରଡାରୁ ଜଣେ, ବୟାଁବନାପୁରରୁ ଜଣେ, ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରୁ ଜଣେ ଓ କେନ୍ଦ୍ରପଡା ଜିଲ୍ଲା ରାଜକନିକାରୁ ଜଣେ ଚିହ୍ନଟ ହୋଇଛନ୍ତି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।


# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଗ୍ଧ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ରହୁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କର୍ଣ୍ଣିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।




# ସାର୍ବଜନିନ ଟିକାକରଣ ଓ ପରୀକ୍ଷା ବୃଦ୍ଧି ନିମନ୍ତେ ସିପିଆଇ(ଏମ୍)ର ଦାବି

ଭୁବନେଶ୍ୱର (ପିଏନ୍): ସମଗ୍ର ଦେଶର କରୋନାର ଦ୍ୱିତୀୟ ଲହର ତାଣ୍ଡବ ସୃଷ୍ଟି କଲାଣି । କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ କରୋନା ସଂକ୍ରମଣ ରୋକିବା ରେ ବିଶ୍ୱରେ ଉଦାହରଣ ସ୍ତରୀୟ ହୋଇଥିବା ଏକ ମିଥ୍ୟା ଆସ୍ଫାଳନ ରୂପେ ପ୍ରତିପାଦିତ ହୋଇଛି । ସଂକ୍ରମଣ ସଂଖ୍ୟା ଦୃଷ୍ଟିରୁ ବିଶ୍ୱର ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉନ୍ନିତ ହେବା ହିଁ ଆମ ସଫଳତା । ଦେଶରେ ଦୈନିକ ସଂକ୍ରମିତ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବା ପୂର୍ବରୁ କେବେ ଦେଖା ଦେଇ ନଥିଲା । ମୃତକଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି । ବିଶେଷ କରି ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ, କର୍ଣ୍ଣାଟକ ପରି ବିଜେପି ଶାସିତ ରାଜ୍ୟ ଗୁଡିକର ଅବସ୍ଥା ଅତ୍ୟନ୍ତ ସଙ୍ଗୀନ । ହସପିଟାଲରେ ଖଟିଆ ନାହିଁ । ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ଶ୍ମଶାନରେ ସ୍ଥାନ ନାହିଁ । ଏବେ ବିଭିନ୍ନ ରାଜ୍ୟରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟାକୁ ନ୍ୟୂନ କରି ଦେଖାଯାଉଛି । ଟିକା ଉତ୍ସବ ପାଳନ କେବଳ ଆତ୍ମପ୍ରଚାରରେ ସିମିତ । କେନ୍ଦ୍ର ସରକାର ଆବଶ୍ୟକ ପରିମାଣ ଟିକା ଯୋଗାଣ ନ କରିବାରୁ ଓଡିଶା ସମେତ ବହୁ ରାଜ୍ୟରେ ଟିକାଦାନ ବ୍ୟାହତ ହୋଇଛି । ଓଡିଶାର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ଟୀକା ଯୋଗାଇବା ପାଇଁ ଦାବୀ ଉଠାଇଛି । ଓଡିଶାରେ ମଧ୍ୟ କରୋନା ତା'ର କାୟା ବିସ୍ତାର କରି ଚାଲିଛି । ପିପିଲି ସମେତ ପୂର୍ବର ଉପନିର୍ବାଚନ ଗୁଡିକରେ ଲଗାମହୀନ ଜନ-ସମାବେଶ ଏବଂ କୁମ୍ଭମେଳା ପାଇଁ ଉତ୍ତରାଖଣ୍ଡ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ କରୋନା ସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି ।

ଓଡିଶା ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ବିଭିନ୍ନ ସଂସ୍ଥା ନିକଟରୁ ସଫଳତାର ସାର୍ଟିଫିକେଟ୍ ଯୋଗାଡ କରୋନା ସଂକ୍ରମଣ ବ୍ୟାପିବା ରୋକିବାରେ ସହାୟକ ହେବ କି?

ଓଡିଶାରେ ଦ୍ୱିତୀୟ କରୋନା ସଂକ୍ରମଣର ଲହର ୪ ମାସରେ ୨ଗୁଣରୁ ଅଧିକ ବଢିଛି । ବାହାର ରାଜ୍ୟରୁ ଆସୁଥିବା ଲୋକ ଏବଂ ବିଦେଶରୁ ଆସୁଥିବା ଲୋକଙ୍କ କଡାକଡି ପରୀକ୍ଷା ନିଷ୍ପତ୍ତି କେବଳ ପ୍ରଚାରରେ ସିମୀତ । ରାଜ୍ୟରେ ଟିକାର ମଡକ ପଡିଛି । ଟିକା ପ୍ରଦାନକୁ ସାର୍ବଜାନିନ କରିବା ଦୂରର କଥା ସିମୀତ ବର୍ଗର ଲୋକଙ୍କ ପାଇଁ ଟିକା ନାହିଁ । ଏଣେ ପରିକ୍ଷାକୁ ନିରୁତ୍ସାହିତ କରାଯାଉଛି । ଲୋକଙ୍କୁ ନିଜ ଦାୟିତ୍ୱରେ ଛାଡି ଦିଆଯାଉଛି । ରାତ୍ରୀକାଳୀନ କର୍ଫ୍ୟୁ, ସମାବେଶ ଗୁଡିକରେ କଟକଣାକୁ ଲାଗୁ କରିବା ପାଇଁ ପୁଲିସର ମାତ୍ରାଧିକ କାର୍ଯ୍ୟ ଲୋକଙ୍କୁ ଭୟଭୀତ କରିବ । କରୋନା ସଂକ୍ରମଣ ରୋକିବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । କେନ୍ଦ୍ର ନିକଟରେ ଏହି ଅର୍ଥ ପାଇଁ ରାଜ୍ୟ ସରକାର ଦାବୀ କରୁନାହାଁନ୍ତି ।

କରୋନାର ଦ୍ୱିତୀୟ ଲହର କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ ଜୀବନଜୀବିକାକୁ ଗଭୀର ଭାବେ ପ୍ରଭାବିତ କରିବ । ଏଣୁ ସି.ପି.ଆଇ. (ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ବିବୃତ୍ତିରେ ନିମ୍ନ ଦାବୀଗୁଡିକ ଉତ୍‌ଥାପନ କରାଯାଇଛି ।

ରାଜ୍ୟରେ ଟିକାକରଣକୁ ସାର୍ବଜନୀନ କରିବା ଏବଂ ଅଧିକ ପରୀକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର । ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟର ସମସ୍ତ ଜିଲ୍ଲାରେ କୋଭିଡ୍ ହସ୍‌ପିଟାଲ ଓ କେନ୍ଦ୍ର ଗୁଡିକୁ ତୁରନ୍ତ ପୁନଃ ପ୍ରତିଷ୍ଠା କରିବା ଦରକାର । ହସ୍‌ପିଟାଲ ମଧ୍ୟରେ ଆବଶ୍ୟକୀୟ ସରଞ୍ଜାମ, ପିପିଇ କିଟ, ଅମ୍ଳଜାନ ବ୍ୟବସ୍ଥା କରିବା ଦରକାର ।

ଓଡିଶା ବାହାରେ ରହୁଥିବା ଇଚ୍ଛୁକ ପ୍ରବାସୀମାନଙ୍କୁ କରୋନା-ପ୍ରବଣ ରାଜ୍ୟରୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଦାବୀ କରନ୍ତୁ । ରାଜ୍ୟକୁ ଫେରୁଥିବା ପ୍ରତ୍ୟେକ ଲୋକର ପରୀକ୍ଷା କରାଯାଉ ଏବଂ ତୁରନ୍ତ ରିପୋର୍ଟ ପ୍ରଦାନର ବ୍ୟବସ୍ଥା ହେଉ । ଜୀବିକା ସଙ୍କଟ ନିରାକରଣ ପାଇଁ ତୁରନ୍ତ ଖାଦ୍ୟ ଗୋଦାମରେ ପଡି ରହିଥିବା ଖାଦ୍ୟସାମଗ୍ରୀକୁ ମାଗଣା ବଣ୍ଟନ କରିବା ସହିତ ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ନଗଦ ପ୍ରଦାନ କରାଯାଉ ।

## 'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ଗୋଖନାରେ ଜଳଛତ୍ର ଓ ମାସ୍କ ବଣ୍ଟନ

ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆହ୍ୱାନ' ପକ୍ଷରୁ ପବିତ୍ର ରାମନବମୀ ଅବସରରେ ଗୋଖନା ଛକଠାରେ 'ଆହ୍ୱାନ' କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ଜଳଛତ୍ର ମାଧ୍ୟମରେ ଦହି ସର୍ବତ ଓ ମାସ୍କ ବଣ୍ଟନ କରାଯାଇଥିଲା । 'ଆହ୍ୱାନ'ର ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ଆବାହକତ୍ୱରେ ଜଳଛତ୍ର ଉଦ୍‌ଘାଟିତ ହେବା ସହିତ ଥଣ୍ଡା ଦହି ସର୍ବତ ସାଧାରଣ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ପାଣ୍ଡବ ଚରଣ ସାହୁ ଫିତାକାଟି ଜଳଛତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସମାଜସେବୀ ହୃଷିକେଶ ପତି, ସହସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି, ସମାଜସେବୀ ଶଶୀଭୂଷଣ ସାମଲ, ଜିତେନ୍ଦ୍ର ବେହେରା, ଅଧିକାରୀ ନବକିଶୋର ଦାସ, ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୀଷ୍ମ ଋତୁରେ ଜଳଦାନ ଭଳି ମହତ କାର୍ଯ୍ୟକୁ ଆଗ୍ରହ ସହକାରେ ଆପଣେଇ ଥିବାରୁ 'ଆହ୍ୱାନ' ସଂସ୍ଥା ପ୍ରତି ଜନସାଧାରଣଙ୍କର ଆଦର ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା ।

## ପଦ୍ମପୁର ଶିବ ମନ୍ଦିର ପରିସରରେ ଦିବ୍ୟ ଭବ୍ୟ ଯଜ୍ଞମଣ୍ଡପ ପ୍ରତିଷ୍ଠା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ଅବସ୍ଥିତି ପଦ୍ମେଶ୍ୱର ଶୈବପୀଠ ପରିସରରେ ଏକ ଭବ୍ୟ ଦିବ୍ୟ ସୁନ୍ଦର ନୂତନ ଯଜ୍ଞ ମଣ୍ଡପର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ମଣ୍ଡପଟି ପଦ୍ମପୁର ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ସାହୁଙ୍କ ପୂର୍ଣ୍ଣ ଅନୁଦାନରେ ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା । କରୋନା ମହାମାରୀ ବିପତ୍ତି ସମୟରେ ନିର୍ମାଣ କାର୍ଯ୍ୟ ୧ ବର୍ଷ ବନ୍ଦ ରହିଥିଲା । ଏବେ ଯଜ୍ଞ ମଣ୍ଡପଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ପ୍ରତିଷ୍ଠା ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଶୁଭ ମନାସିଛନ୍ତି । ପ୍ରତିଷ୍ଠା ଦିବସ ପୁଜାରେ କୁଳ ପୁରୋହିତ ହୃଦାନନ୍ଦ ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ ଦୁଷ୍ମନ୍ତ ସାହୁଙ୍କର ସୁପୁତ୍ର ଶ୍ରୀମାନ ମାନସ କୁମାର ସାହୁ ସଙ୍କଳ୍ପରେ ବସିଥିଲେ । କୋରନା କଟକଣା ନିୟମକୁ ପାଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଦଶରଥପୁର ବ୍ଲକ ବ୍ୟାପକ ଦୁର୍ନିତି ଓ ନନ୍ଦିପୁର ଗ୍ରାମପଞ୍ଚାୟତ ଅଫିସ ପୋଡିର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ

ଯାଜପୁର (ପିଏନ୍): ଗତ ୧୭ ତାରିଖ ରାତ୍ରରେ ଘଟିଥିବା ଦଶରଥପୁର ବ୍ଲକ ଅଧିନସ୍ଥ ନନ୍ଦିପୁର ଓ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅଧିକାରୀ ସରପଞ୍ଚଓ ଦଶରଥପୁର ବ୍ଲକର କେତେକ କର୍ମଚାରୀଙ୍କ ପ୍ରରୋଚନାରେ ଅଫିସ କାଗଜପତ୍ରରେ ଅଗ୍ନିସଂଯୋଗ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଉପକରଣ ଧ୍ୱଂସ କରାଯାଇଛି । ଏଥିନିମନ୍ତେ ଦଶରଥପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଶ୍ୟାମସୁନ୍ଦର କରଙ୍କ ନେତୃତ୍ୱରେ ଯାଜପୁର ବିଧାନସଭା ମଣ୍ଡଳୀର ନେତା ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତା ମନୋରଞ୍ଜନ ଦାସ, ପୂର୍ଣ୍ଣ ଚନ୍ଦ୍ର ଜେନା, ବିଜୟ ମହାପାତ୍ର ପ୍ରଭୃତି କଂଗ୍ରେସର କର୍ମୀମାନେ ଜିଲ୍ଲାପାଳଙ୍କୁ ଭେଟି ନରିପେକ୍ଷ ତଦନ୍ତ କରିବା ପାଇଁ ଦାବି କରିବା ସହିତ ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ଦାବି କରିଥିଲେ । ଏଥିସହିତ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନିତିର ସ୍ୱତନ୍ତ୍ର ଅଡିଟ୍ କରିବା ସହ ଭିଜିଲାନ୍ସ ଇନ୍‌କ୍ୱାରି ପାଇଁ ଜିଲ୍ଲାପାଳଙ୍କୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ ।

## ବହୁଚର୍ଚ୍ଚିତ ଖଣ୍ଡରା ପଞ୍ଚାୟତ ଶୁଭଶ୍ରୀ ମୃତ୍ୟୁ ଘଟଣାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ

ଯାଜପୁର (ପିଏନ୍): ଶୁଭଶ୍ରୀ ହତ୍ୟାକାଣ୍ଡକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଘଟୁଥିବା ବେଳେ କଂଗ୍ରେସ ଦଳ ସରକାରୀ ଦଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ଏହି ହତ୍ୟାକାଣ୍ଡରେ ହାତ ରହିଛି ବୋଲି ଦାବିକରିଛି । ଜିଲ୍ଲାପାଳଙ୍କୁ ଭେଟି କଂଗ୍ରେସର ଏକ ପ୍ରତିନିଧି ଦଳ ମୃତ ଶୁଭଶ୍ରୀ ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇବା ସହ ପୁଲିସ୍ ପ୍ରଶାସନର ନିରବତା ସମ୍ପର୍କରେ ମଧ୍ୟ ଘଟଣାର ତତ୍ପରତା ପ୍ରକାଶ ନକରି ତିନି ମାସ ନୀରବ ବସିରହିବା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟକରିଛି । ପୋଲିସ୍ ଏହି ଘଟଣାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ହତ୍ୟାକାଣ୍ଡର ମୁଖ୍ୟ ଆଶାମୀ ଗରିଫ କରି ଓ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏଣୁ ପିଡିତାକୁ ନ୍ୟାୟ ମିଳିବା ସହିତ ୨୦ ଲକ୍ଷ ଟଙ୍କାର କ୍ଷତି ପୁରଣ ଦେବାକୁ କଂଗ୍ରେସର ପ୍ରତିନିଧିଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଘଟଣାର ସତ୍ୟ ପ୍ରକାଶ ନିମନ୍ତେ ବିଚାର ବିଭାଗୀୟ ତଦନ୍ତ ମଧ୍ୟ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଯାଜପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତନା ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା ସମେତ କଂଗ୍ରସ କର୍ମୀମାନେ ଜିଲ୍ଲାପାଳଙ୍କ ନିକଟରେ ଦତଦନ୍ତ ନିମନ୍ତେ ଅନୁରୋଧ କରିଛନ୍ତି ।

# ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ଦାବି



ଭୁବନେଶ୍ୱର (ପିଏନ୍): ପ୍ରବୀଣ ଜନନାୟକ, ସାହିତ୍ୟିକ, ସଂପାଦକ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ୬ତମ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସାଧାରଣ ସଂପାଦକ ତଥା ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସଭ୍ୟବୃନ୍ଦ, କର୍ମକର୍ତ୍ତା, ଉପଦେଷ୍ଟା ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉପସ୍ଥିତ ରହି ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଭୁଲା ଓ ଅମର ଜୀବନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ଆମାୟିକ ବ୍ୟବହାର ତଥା ସମାଜର ବିଭିନ୍ନ ଉଲ୍ଲେଖନୀୟ ଦିଗ ପ୍ରତି ତାଙ୍କ ସମର୍ପିତ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ପଟ୍ଟନାୟକ ୨୦୦୧ ମସିହାରେ ସଂଘର ଅଷ୍ଟମ ବାର୍ଷିକ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଘର ସାଂସ୍କୃତିକ ଧାରାକୁ ବଜାୟ ରଖିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଯୁବକମାନଙ୍କର କଳା ଓ ସଂସ୍କୃତି ପ୍ରତିଥିବା ଆଗ୍ରହକୁ ଆଗେଇ ନେବାରେ ତାଙ୍କର ସବୁପ୍ରକାର ସାହାଯ୍ୟ ସହଯୋଗ ଓ ସହାନୁଭୂତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ସଂଘ ତାଙ୍କୁ ତାଙ୍କ ବାସ ଭବନରେ ସମ୍ବର୍ଦ୍ଧନା ଦେବା ଅବସରରେ ସେ ତାଙ୍କର ପୁରୁଣା ଦିନର ସ୍ମୃତିକୁ ମନେପକାଇବା ସହ ତାଙ୍କର ମେଳାପୀ, ବନ୍ଧୁ ବତ୍ସଳ, ଉତ୍ସାହ ଓ ଆତ୍ମୀୟତାବୋଧ ସଂଘ ପାଖରେ ଆଜି ବି ଜୀବନ୍ତ ଓ ଏକ ଅମୂଲ୍ୟ ସମ୍ପଦ ହୋଇ ରହିଛି । ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଇଷ୍ଟ ଦେବତା ଈଶାଣେଶ୍ୱର ମହାଦେବଙ୍କ ମନ୍ଦିର ସଂପର୍କରେ ସେ ପଚାରି ବୁଝିଥିଲେ ଓ ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ମଧ୍ୟ ତାଙ୍କୁ ଉପସ୍ଥାପନ କରାଯାଇଥିଲା । ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସଂଘ ସହିତ ବିତାଇ ଥିବା ମୁହୂର୍ତ୍ତ ଚିରସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ଗଦାଧର ପ୍ରସାଦ ରଥ, ନିରଞ୍ଜନ ସାହୁ, ନାରାୟଣ ପ୍ରତାପ ରାୟ, ମଦନ ମୋହନ ପୃଷ୍ଟି, ଶିଶିର କୁମାର ମହାରଣା, ଗୋବିନ୍ଦ ଚନ୍ଦ୍ର ଦାସ, ଅର୍ଜୁନ ଦେହୁରୀ ଓ ନାଟ୍ୟ ନିର୍ଦ୍ଦେଶକ ଛବି ବାରିକ, ସ୍ଥାନୀୟ ବରଷ୍ଠ ନାଗରିକ ଓ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରଯାଇଥିଲା । ପରେ ପରେ ଅନୁଷ୍ଠାନର ଶୋକ ପୁସ୍ତିକାରେ ସ୍ୱାକ୍ଷର କରିବା ସହିତ ସଂଘର ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଂଗ କରାଯାଇଥିଲା ।

# ବିଧାୟକ ସାଂସଦ ମୁହାମୁହିଁ ସ୍ଥିତିରେ : କର୍ମୀ ବିଭାଜିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ହେଉଛି ରାଜନୀତିର ପ୍ରଶିକ୍ଷଣ କ୍ଷେତ୍ର । ଏହି କ୍ଷେତ୍ରରେ ଯିଏ ନାମ ଲେଖାଇଛି ସେ କେବେ କେଉଁଠି ହାରିବାର ପ୍ରଶ୍ନ ଉଠୁନି । ଏହି କ୍ଷେତ୍ରରୁ ରାଜ୍ୟର ବହୁ ବିଶିଷ୍ଟ ନେତା ବିଜୟୀ ହୋଇ ରାଜ୍ୟ ତଥା କେନ୍ଦ୍ର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରି ହଇଚଇ ସୃଷ୍ଟି କରିଛନ୍ତି । ଅତୀତର ରାଜନୀତି ସହିତ ବର୍ତ୍ତମାନ ରାଜନୀତିକୁ ତୁଳନା କଲେ ଏହା କଣ କେନ୍ଦ୍ରାପଡାର ରାଜନୀତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପ୍ରଶ୍ନ କରନ୍ତି । ଆଜିକାଲି ଦଳୀୟ ଶୃଙ୍ଖଳାକୁ ପଛରେ ପକାଇ ନେତାମାନେ ମନମୁଖୀ ଭାବେ ରାଜନୀତି କରୁଛନ୍ତି ଫଳରେ ସଚା କର୍ମୀଟିଏ ବଳି ପଡୁଥିବା ଦେଖାଯାଉଛି । ଏପରି ରାଜନୈତିକ ସ୍ଥିତି କେନ୍ଦ୍ରାପଡାରେ ଦେଖିବାକୁ ମିଳୁଛି । ଏବେ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । କର୍ମୀମାନେ ଏହାର ଫାଇଦା ନେବାକୁ ଉଦ୍ୟମ କରୁଛନ୍ତି । ଗତ କିଛିଦିନ ପୂର୍ବେ କେନ୍ଦ୍ରାପଡା ବିଧାୟକଙ୍କ ପରିବାର ସଦସ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଦର୍ଶନ କରିଥିଲେ ଓ ଏଥିରେ କେତେକ ଆଗଧାଡିର ଦଳୀୟ କର୍ମୀ ସାମିଲ ହୋଇଥିଲେ । ତାହାର ଠିକ ଗୋଟିଏ ଦିନ ପରେ ହଠାତ୍ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଆସି ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସହରର ଛାମୁଆ ନେତାମାନେ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ । ଗତ ବିଶ୍ୱ ମହିଳା ଦିବସରେ କେନ୍ଦ୍ରାପଡା ସହରରେ ହୋଇଥିବା ବୈଠକରେ କେନ୍ଦ୍ରାପଡା ସାଂସଦକୁ ବାଛନ୍ଦ କରାଯାଇଥିଲା । ଯଦ୍ୱାରାକି କିଛି ଦିନ ଧରି ସାଂସଦ ଶ୍ରୀ ମହାନ୍ତି କେନ୍ଦ୍ରାପଡା ଆସୁ ନ ଥିଲେ । ତେବେ କେଉଁ ପରିସ୍ଥିତିରେ ସେ କେନ୍ଦ୍ରାପଡା ଗସ୍ତରେ ଆସି କେନ୍ଦ୍ରାପଡା ସହରର ବିକାଶ ପାଇଁ ସାଂସଦ ପାଣ୍ଠିକୁ ବିନିଯୋଗ କରିବେ ବୋଲି ଛାମୁଆ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ତାହା ବୁଝାପଡୁନି । ସାଂସଦ ପାଣ୍ଠି ମାଧ୍ୟମରେ ସେ ସଂଗଠନ କରିବେ ବୋଲି ଆଲୋଚନା ହେଉଛି । ଏହି ଲକ୍ଷ୍ୟରେ ସହରର ନସଡିପୁରସ୍ଥିତ ମଦ୍ରାସା ବୁଲି ଦେଖିବା ସହିତ ବଳଦେବ ହାଇସ୍କୁଲକୁ ଯାଇ ସ୍କୁଲର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର ବିଜେଡିର ନେତାମାନେ ସାମିଲ ହୋଇଥିଲେ । ବିଧାୟକ ଶଶୀଭୂଷଣ ବେହେରାଙ୍କଠାରୁ ଦୂରେଇ ଯାଉଥିବା ବିଜେଡିର କିଛି ନେତା ସାଂସଦଙ୍କ ସହିତ ସାମିଲ ହୋଇ ଶ୍ରୀ ବେହେରାଙ୍କୁ ଝଟକା ଦେବାକୁ ଉଦ୍ୟମ କରୁଥିବା ଆଲୋଚନା ହେଉଛି । ଫଳରେ କେନ୍ଦ୍ରାପଡାରେ ବିଧାୟକ ସାଂସଦ ମୁହାଁମୁହିଁ ହେବାର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ କେତେକ ଖ ବର୍ଗର ବିଜେଡି ନେତା ଫାଇଦା ନେବାକୁ ଉଦ୍ୟମ କରୁଥିବା ବେଳେ ସଚ୍ଚା ବିଜେଡି ନେତାମାନେ କ'ଣ କରିବେ ବୋଲି ଭାବି ବଳି ପଡୁଛନ୍ତି । ଏହି ଘଟଣା କେନ୍ଦ୍ରାପଡାରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

## ଲୁଥେରାନ ଯୌନ ଶୋଷଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପୋଲିସ ପ୍ରଶାସନ ବିଫଳ

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ପଟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଥିବା ଲୁଥେରାନର ସଭାପତି, ଶିଶୁ ଯତ୍ନ ଅନୁଷ୍ଠାନର ସୁପରିନଟେଣ୍ଡେଣ୍ଟ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ରାପଡାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ନିର୍ଦ୍ଦେଶର ୯ ଦିନ ପରେବି ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସଫଳ ହୋଇନଥିବା ଦେଖାଯାଇଛି । ଏଭଳି ପରିସ୍ଥିତିରେ ଉଭୟ ପୋଲିସ ଓ ପ୍ରଶାସନର ନୀରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୁଥେରାନର ଜନୈକ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ କାହିଁକି ପଛଘୁଂଚା ଦେଉଛି ତାହା ବୁଝାପଡୁନି । ଯଦି ଜିଲ୍ଲାର ଏଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ପ୍ରତି ପ୍ରଶାସନ ଓ ପୋଲିସର କୋହଳ ମନୋଭାବ ଦେଖାଯାଏ ତେବେ ସାଧାରଣ କ୍ଷେତ୍ରରେ କିଭଳି ଲୋକମାନେ ନ୍ୟାୟ ପାଇପାରିବେ ତାହା ସହଜରେ ଅନୁମେୟ । ତେଣୁ ଜିଲ୍ଲା ପ୍ରଶାସନ ଓ ପୋଲିସ ଏହି ଘଟଣାରେ ଆଉ କାଳବିଳମ୍ୱ ନକରି ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରପେକ୍ଷତାର ପ୍ରମାଣ ଦେଉ ବୋଲି ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

## କୋଭିଡ ସଚେତନତା ଓ ଅମାନିଆଙ୍କଠାରୁ ଜୋରିମାନା ଆଦାୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଗତ ଗୁରୁବାର କେନ୍ଦ୍ରାପଡା ସହରରେ ବୁଲି ବୁଲି ଜନସାଧାରଣଙ୍କ ସମେତ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ସଚେତନ କରିଥିବା ଦେଖିବାକୁ ମିଳିଛି । ଏଥିସହିତ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ପ୍ରତ୍ୟେକ ଦୋକାନ ସମ୍ମୁଖରେ ଧଳା ରଙ୍ଗରେ ଗୋଲେଇ କାଟି ସାମାଜିକ ଦୂରତା ରକ୍ଷା ପୂର୍ବକ ଗ୍ରାହକମାନେ ନିର୍ଦ୍ଦିଷ୍ଟ ଦୂରତାରେ ଛିଡା ହୋଇ ମୁହଁରେ ମାସ୍କ ପିନ୍ଧି ଦୋକାନରୁ ସଉଦା କିଣିବାର ବ୍ୟବସ୍ଥା କରିବାକୁ ଦୋକାନୀମାନଙ୍କୁ ପରାମର୍ଶ ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକର । କୋଭିଡ ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାଇ ଜୋରିମାନା ସହ ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଦୋକାନୀମାନଙ୍କୁ କହିଛନ୍ତି । ସହରର ଦୋକାନ ଗୁଡିକ ସମ୍ମୁଖରେ ବିନା ମାସ୍କରେ ଥିବା ୩ଜଣ ମହିଳା ଓ ୫ଜଣ ପୁରୁଷ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ପୋଲିସ ଆଦାୟ କରିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସହିତ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ଓ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ବୁଝାଇଥିଲେ ।

## ଦୁଇଟି ପୃଥକ ଦୁର୍ଘଟଣାରେ ୨ ମୃତ, ୬ ଆହତ

ଆନନ୍ଦପୁର (ପିଏନ୍): ଘଷିପୁରା ଓ ଆନନ୍ଦପୁର ଥାନା ଅଂଚଳରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ଆନନ୍ଦପୁର ଥାନା ଗୟଳମୁଣ୍ଡା ପଂଚାୟତ ଜାଳି ଗ୍ରାମ ନିକଟରେ ଏକ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଭିକାରିମନ୍ଦା ଗ୍ରାମର କାପୁରା ସୋରେନ(୬୫) । ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ଅଟୋଟି ରାସ୍ତାକଡକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ କାପୁରାଙ୍କର ମୃତ୍ୟୁ ଘଟିଥିଲା । ମାଇଲୋ ସୋରେନ୍(୩୨), ପୁରମାଲ ହାଁସଦା (୩୬), କାଲା ମୁର୍ମୁ(୪୨)ଙ୍କ ସମେତ ଆଉ ୩ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାକୁ ପଠାଇଥିଲେ । ଆନନ୍ଦପୁର ପୋଲିସ୍ ମୃତଦେହକୁ ଜବତ କରି ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ଦୁର୍ଘଟଣା ଘଟାଇବା ପରେ ପିକଅପ ଭ୍ୟାନ୍ ଫେରାର ହୋଇଯାଇଛି । ସେହିପରି ୨୦ନଂ ଜାତୀୟ ରାଜପଥ ଘଷିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ଟ୍ରକ୍ ଧକ୍କାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ବୟସ ପାଖାପାଖି ୬୫ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ବୀରଗୋବିନ୍ଦପୁର ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଆଣିଥିଲା । ମୃତକଙ୍କ ପରିଚୟ ମିଳିନଥିବାରୁ ଶବକୁ ଅପରାହ୍ନରେ ଜିଲ୍ଲା ଶବାଗାରକୁ ପଠାଇ ଦିଆଯାଇଛି ।

## ଗ୍ରାମ୍ୟଉନ୍ନୟନ ଡିଭିଜନ କାର୍ଯ୍ୟାଳୟ ସାନିଟାଇଜ ହେଲା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ଡିଭିଜନର ଜନୈକ ଯନ୍ତ୍ରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ ବାହାରିବା ପରେ ସଂପୂର୍ଣ୍ଣ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି । ସଂପୃକ୍ତ ଯନ୍ତ୍ରୀ ଜଣଙ୍କ ଉଭୟ ଡିଭିଜନର ଦାୟିତ୍ୱରେ ଥିବାରୁ ଉଭୟ ଡିଭିଜନର ସଂପୂର୍ଣ୍ଣ କାର୍ଯ୍ୟାଳୟ ପରିସରକୁ ସାନିଟାଇଜ କରାଯାଇଥିବା ସୂଚନା ମିଳିଛି ।

## ବଳଦେବ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



କେନ୍ଦ୍ରାପଡ଼ା (ପିଏନ୍): ବଳଦେବ ହାଇସ୍କୁଲର ୧୯୯୩ମସିହା ମାଟ୍ରିକ ବ୍ୟାଚର ପୁରାତନ ମେଧାବୀ ଛାତ୍ର ଇଂ ପ୍ରିୟଶ୍ଳୋକ ଆର୍ଯ୍ୟଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ପରିଚାଳନା ସମିତି ସଭାପତି ଗୁରୁ ଚରଣ ପ୍ରଧାନ, ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ପ୍ରଧାନ, ପଣ୍ଡିତ ହରେକୃଷ୍ଣ ପତି, ରାଷ୍ଟ୍ରଭାଷା ଶିକ୍ଷକ ତପନ କୁମାର ଦାଶ, ହୃଷିକେଶ ସ୍ୱାଇଁ, କ୍ଷୀରୋଦ କୁମାର ପରିଡା, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ର ସ୍ୱର୍ଗତ ଆର୍ଯ୍ୟଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସେ ଜଣେ ମେଧାବୀ, ମେଳାପି, ବନ୍ଧୁବତ୍ସଳ ଓ ପରୋପକାରୀ ଛାତ୍ର ଥିଲେ । ତାଙ୍କର ଅକାଳ ବିୟୋଗରେ ସମସ୍ତ ଶିକ୍ଷକ,ଶିକ୍ଷିକା,ପୁରାତନ ତଥା ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଓରିଫ୍ଲେମ୍ ପକ୍ଷରୁ ଦି ୱାନ୍ ନୂତନ କଲର କସମେଟିକ୍ ରେ଼ର ବଜାର ପ୍ରବେଶ

ନୂଆଦିଲ୍ଲୀ : ଅଗ୍ରଣୀ ସୋସିଆଲ ସେଲିଂ ସୁଇଡିଶ୍ ବିୟୁଟି ବ୍ରାଣ୍ଡ୍ ଓରିଫ୍ଲେମ୍ ପକ୍ଷରୁ ଏହାର ଦି ୱାନ୍ ବ୍ରାଣ୍ଡର ନୂତନ କଲର କସମେଟିକ୍ ରେ଼ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି । ନିଜର ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିବାକୁ ଚାହୁଁଥିବା ମହିଳାଙ୍କ ପାଇଁ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଏହା ଦୀର୍ଘ ସମୟ ଲାଗି ମହିଳାଙ୍କୁ ସ୍ୱତନ୍ତ୍ର ଲୁକ୍ ଦେବାକୁ ସକ୍ଷମ ହୋଇ ପାରିବ ।ନବୀନତମ ଜ୍ଞାନକୌଶଳର ଉତ୍ପତିସ୍ଥଳ ଭାବେ ଖ୍ୟାତି ଅର୍ଜନ କରିଥିବା ଷ୍ଟକହୋମ୍ ସହରରେ ବିକଶିତ ହୋଇଥିବା ଦି ୱାନ୍ ଭଳି ମହିଳା ଉପଯୋଗୀ ଫେଶନବୁଲ୍ ମେକ୍ ଅପ୍ ବ୍ରାଣ୍ଡର ହାଇ-ଟେକ୍ ଉତ୍ପାଦ ମଧ୍ୟରେ ଦି ୱାନ୍ କଲର ଅନଲିମିଟେଡ୍ ଅଲ୍ଟ୍ରା ଫିକ୍ସ ଲିପଷ୍ଟିକ୍, ଦି ୱାନ୍ କଲର ଅନଲିମିଟେଡ ଆଇ ଶ୍ୟାଡୋ, ଦି ୱାନ୍ ଆଇଲାଇନର୍ ଷ୍ଟାଇଲୋ, ଦି ୱାନ୍ ଅଲ୍ଟିମେଟ୍ ଜେଲ୍ ଲାକ୍ୱର ଏବଂ ଟପ୍ କୋଟ୍ ତଥା ଦି ୱାନ୍ କଲର ଷ୍ଟାଇଲିଷ୍ଟ୍



ଅଲ୍ଟିମେଟ୍ ଲିପ୍ ଲାଇନର୍ ଏବେ ବଜାରରେ ଉପଲବ୍ଧ ହେବ । ଓରିଫ୍ଲେମ୍‌ର ଦି ୱାନ୍ କଲର ଅନଲିମିଟେଡ୍ ଅଲ୍ଟ୍ରା ଫିକ୍ସ ଲିପଷ୍ଟିକ୍ ଦ୍ୱାରା ଓଠରେ ୯୯% ଷ୍ଟେଇଙ୍ଗ୍ ପାୱାର ଏବଂ କଲର ଫିକ୍ସେଶନ୍ ରହିପାରିବ । ଏହାର ୱାଟର ରେଜିଷ୍ଟାଂଟ୍ ଗୁଣ ଯୋଗୁ ଏହା ଦୀର୍ଘ ସମୟ ଓଠରେ ରହିବାକୁ ସକ୍ଷମ ହେବ । ଲିପଷ୍ଟିକ୍ ୮ ଘଂଟା ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ । ସେହିପରି ଦି ୱାନ୍ କଲର ଅନଲିମିଟେଡ ଆଇ ଶ୍ୟାଡୋର ୫ଟି ଟ୍ରେଣ୍ଡି ଶେଡ୍ ରହିଛି । ଏହା ୱାଟର ରେଜିଷ୍ଟାଂଟ୍ ହୋଇଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ । ଏଥିରେ ପଲିମର-ରେନିଫୋର୍ସଡ୍ ଫର୍ମୁଲା ରହିଛି । ଦି ୱାନ୍ ଆଇଲାଇନର୍ ଷ୍ଟାଇଲୋରେ ଗ୍ରାଇଲ୍ ଲିକ୍ୟୁଇଡ୍ ରହିଛି । ଏଥିରେ କାର୍ବନ ବ୍ଲାକ୍ ପିଗମେଂଟ୍ ରହିଛି । ଏହା ଦିନ ବ୍ୟାପି ରହିବାକୁ ସକ୍ଷମ ହୋଇଥାଏ । ଦି ୱାନ୍ ଆଇଲାଇନର୍ ଷ୍ଟାଇଲୋ ବ୍ଲାକ୍ ଇଙ୍କ୍ ଏବଂ ବ୍ରାଉନ୍ ମୋଚା ଆଦି ଦୁଇଟି ଶେଡ୍‌ରେ ଉପଲବ୍ଧ ହେଉଛି ।ଏହି ଅବସରରେ ଓରିଫ୍ଲେମର ଦକ୍ଷିଣ ଏସିଆର ଆଂଚଳିକ ମାର୍କେଟିଙ୍ଗ୍ ବରିଷ୍ଠ ନିର୍ଦ୍ଦେଶକ ନବୀନ ଆନନ୍ଦ କହିଲେ,ଆମେ ଦି ୱାନ୍ ବ୍ରାଣ୍ଡର ନୂଆ ରେ଼ର ବଜାର ପ୍ରବେଶ କରାଇ ଥିବାରୁ ବେଶ୍ ଆନନ୍ଦିତ । ଦି ୱାନ୍ ବ୍ରାଣ୍ଡ୍ ସବୁବେଳେ ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରି ସେମାନଙ୍କର ଭାବନା ପ୍ରକାଶ ଶୈଳୀକୁ ବିକଶିତ କରିପାରିଥାଏ । ଏହା ଗ୍ରାହକଙ୍କ ହୃଦୟ ଜୟ କରିବାକୁ ସକ୍ଷମ ହେବ । ଏହାଦ୍ୱାରା ଓଠ, ଆଖି ଏବଂ ନଖକୁ ସ୍ୱତନ୍ତ୍ର ଶେଡ୍ ପ୍ରଦାନ କରାଯାଇ ପାରିବ । ଦି ୱାନ୍‌ର ଏସବୁ ନୂଆ ଉତ୍ପାଦ ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ହେବ ବୋଲି ଆମର ଆଶା ଓ ବିଶ୍ୱାସ ।

### ଯସ କ୍ଷତିଗ୍ରସ୍ତମାନଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ ବାଂଟିଲେ ବିଧାୟକ ପ୍ରକାଶ

ବାରିପଦା : ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ବାରିପଦା ନଗର ମଣ୍ଡଳ ସଭାପତି ରଞ୍ଜନ ଦାଶଙ୍କ ନେତୃତ୍ୱରେ ବାରିପଦା ପୌରପରିଷଦର ବିଭିନ୍ନ ୱାର୍ଡ଼ରେ ଗତ ଯସ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ଓ କରୋନା ମହାମାରୀରେ ଜୀବିକା ହରାଇ ଖାଇବାକୁ ପାଉନଥିବା ବ୍ୟକ୍ତିମାନଙ୍କୁ ବିଜେପି ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ, ମୟୂରଭଞ୍ଜ ପୂର୍ବ ଭାଗ ସଙ୍ଗଠନ ସଭାପତି କାନ୍ଦ୍ରା ସୋରେନଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଜାରି ରହିଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ଇଂ ବିଜୟ କୁମାର ଦାସ, ପ୍ରବୀନ ପାତ୍ର,ସଞ୍ଜୟ ପଟ୍ଟନାୟକ, କ୍ରିଷ୍ଣା ବେହେରା, ସ୍ୱର୍ଣ୍ଣ ମହାନ୍ତି, ସମୀର ଦେ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

## ଆପ୍ରୋଚ ରୋଡ ପାଇଁ ବାଟ ଫିଟିଲା, ୫୧ ଜମିହରାଙ୍କୁ ମିଳିବ ୧୪ କୋଟିର କ୍ଷତିପୂରଣ

ଭଦ୍ରକ : ଚରମ୍ପା ଠାରେ ରେଲୱେ ଫ୍ଲାଏ ଓଭରବ୍ରିଜ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । କିନ୍ତୁ ଉକ୍ତ ବ୍ରିଜକୁ ସଂଯୋଗ କରୁଥିବା ରାସ୍ତାକୁ ନେଇ ଦେଖା ଦେଇଥିଲା ଅନିଶ୍ଚିତତା । କାରଣ ଉକ୍ତ ଆପ୍ରୋଚ ରୋଡ ପାଇଁ ଜମି ଅଧିଗ୍ରହଣ ସମସ୍ୟା ବାଧକ ସାଜିଥିଲା । ଇତିମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଛି ବୋଲି ଉକ୍ତ ପ୍ରସଙ୍ଗରେ ବାରମ୍ବାର ରେଳବାଇ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ନିକଟରେ ଦାବି ଉପସ୍ଥାପିତ କରି ଆସିଥିବା ଭଦ୍ରକର ପ୍ରାକ୍ତନ ବିଧାୟକ ନରେନ ପଲେଇ ସୂଚନା ଦେଇଛନ୍ତି । ଶ୍ରୀ ପଲେଇଙ୍କ ସୂଚନା ଅନୁଯାୟୀ ଉକ୍ତ ସଂଯୋଗୀକରଣ ରାସ୍ତା ପାଇଁ ପୂର୍ତ୍ତ ବିଭାଗ ନିକଟରେ ଅର୍ଥ ଥିଲେ ମଧ୍ୟ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ପାରୁନଥିଲା । ଜମିଜମା ସମସ୍ୟା ପାଇଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା । କାରଣ ୧୬ ନମ୍ବର ଜାତୀୟ ରାଜପଥ ପୁରୁଣା ହନୁମାନ ମନ୍ଦିର ଠାରୁ ଚରମ୍ପା ଗୁଣ୍ଡୁଣିଆ ବଜାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ୨.୨ କିଲୋମିଟର ସଂଯୋଗୀକରଣ ରାସ୍ତା ପାଇଁ ରେଳବାଇ ଜମିକୁ ଛାଡ଼ି ମୋଟ ୩.୫୨ ଏକର ଘରୋଇ ଜମିର ଆବଶ୍ୟକତା ରହିଥିଲା । ଏସମସ୍ତ ଜମି ୫୧ଜଣ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମାଲିକାନାରେ ଥିଲା । କିନ୍ତୁ ଗତ ବର୍ଷ ନଭେମ୍ବର ମାସ ୪ ତାରିଖ ଏହି ମର୍ମରେ ଚରମ୍ପା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏକ ଜନଶୁଣାଣୀ ହୋଇଥିଲା । ମୋଟ ୫୧ଜଣ ଜମି ମାଲିକ ଏଥିରେ ଯୋଗ ଦେଇ ନିଜର ମତ ରଖିଥିଲେ । ତେବେ ଇତିମଧ୍ୟରେ ଜମି ହରାଇବାକୁ ଥିବା ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର ୧୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଫଳରେ ଏହି କାର୍ଯ୍ୟ ଏବେ ତ୍ୱରାନ୍ୱିତ ହୋଇ ପାରିବ । ଜମି ଅଧିଗ୍ରହଣଜନୀତ ସରକାରୀ ଔପଚାରିକତା ପୂରଣ ପରେ ଆସନ୍ତା ଜୁଲାଇ ମାସ ଏହି ଆପ୍ରୋଚ ରୋଡ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯିବ ବୋଲି ବିଭାଗୀୟ ସୂଚନା ମିଳିଥିବା ଶ୍ରୀ ପଲେଇ ସୂଚନା ଦେଇଛନ୍ତି । ଫଳରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଅନିଶ୍ଚିତତାର ଅବସାନ ଘଟିବ ବୋଲି ଶ୍ରୀ ପଲେଇ କହିଛନ୍ତି । ସୂଚନାଯୋଗ୍ୟ ଚରମ୍ପା ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର । ଏଠାରେ ଭଦ୍ରକ ଷ୍ଟେସନ ଓ ମାଲ ଗୋଦାମ ରହିଥିବାରୁ ଶହଶହ ଟ୍ରକ ପ୍ରତ୍ୟେକ ଦିନ ଏଠାରୁ ମାଲ ପରିବହନ କରିଥାନ୍ତି । କିନ୍ତୁ କୌଣସି ବିକଳ୍ପ ରାସ୍ତା ନଥିବାରୁ ସମସ୍ତ ଟ୍ରକ୍ ଚରମ୍ପା ବଜାର ଦେଇ ଯିବା ଆସିବା କରିଥାନ୍ତି । ଫଳରେ ଚରମ୍ପା ବଜାରରେ ଉକ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ଏହିକାରଣରୁ ୧୬ ନମ୍ବର ଜାତୀୟ ରାଜପଥ ହନୁମାନ ମନ୍ଦିର ନିକଟରୁ ମାଲ ଗୋଦାମ ପର୍ଯ୍ୟନ୍ତ ଏକ ରାସ୍ତାର ଆବଶ୍ୟକତା ସବୁବେଳେ ଅନୁଭୂତ ହୋଇ ଆସୁଥିଲା । ଯାହାକି ଏବେ ବାସ୍ତବ ରୂପ ନେବାକୁ ଯାଉଛି । ସେହିପରି ଭଦ୍ରକ ବିଧାନସଭା କ୍ଷେତ୍ରର ୮ ପଞ୍ଚାୟତ ଓ ପଡ଼ୋଶୀ ଜିଲ୍ଲାର ଏକାଧିକ ପଞ୍ଚାୟତର ସହସ୍ରାଧିକ ବ୍ୟକ୍ତି ଷ୍ଟେସନର ଏହି ଲେବୁଲ କ୍ରସିଂ ବାଟ ଦେଇ ଯିବା ଆସିବା କରିଥାନ୍ତି । କିନ୍ତୁ ଷ୍ଟେସନ ନିକଟରେ ଥିବା ଏହି ଲେବୁଲ କ୍ରସିଂରେ ବହୁ ସମୟରେ ବୈଷୟିକ କାରଣରୁ ଦୀର୍ଘ ସମୟ ଧରି ଫାଟକ ପଡ଼ି ରହିଥାଏ । ଫଳରେ ପଥାରୋହୀଙ୍କ ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଓ ଫାୟର ବ୍ରିଗେଡ ଗାଡ଼ି ଯିବା ଆସିବାରେ ସମସ୍ୟା ଦେଖା ଦେଇଥାଏ । ଏହି ସମସ୍ୟା ପାଇଁ ପ୍ରାକ୍ତନ ବିଧାୟକ ଶ୍ରୀ ପଲେଇ ନିୟମିତ ଭାବେ ଏକ ଫ୍ଲାଏ ଓଭରବ୍ରିଜ୍ ପାଇଁ ରେଳବାଇ କର୍ତ୍ତୃପକ୍ଷଙ୍କ ଉପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଚାପ ପ୍ରୟୋଗ କରି ଆସିଥିଲେ । ଶେଷରେ ଫ୍ଲାଏ ଓଭରବ୍ରିଜ ପାଇଁ ସବୁଜ ସଂକେତ ମିଳି କାର୍ଯ୍ୟ ବହୁ ବାଟ ଆଗେଇ ଥିବାବେଳେ, ଜମିଜମା ସମସ୍ୟା ପାଇଁ ଆପ୍ରୋଚ ରୋଡ ସମସ୍ୟା ଲାଗି ରହିଥିଲା । ଯାହାର ସମାଧାନ ଖୁବ୍ ଶୀଘ୍ର ହବାକୁ ଯାଉଛି ।

### ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତାର କଲା ଫିରିଙ୍ଗିଆ ଟିମ୍ ବିପଦର ବନ୍ଧୁ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଂଚଳରେ ଥିବା କୁଡୁକି ଘାଟିରେ ଗତ ୧ ତାରିଖରେ ଜଣେ ସାଇକଲ ଆରୋହୀଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ହେବା ଫଳରେ ତାଙ୍କ ନବଜାତ ଶିଶୁ,ସ୍ତ୍ରୀ ଏବଂ ୬୩ ବର୍ଷ ବୟଷର ଅସହାୟ ବାପାଙ୍କର ଅବସ୍ଥା ପଚାରି ବୁଝିଛନ୍ତି ଫିରିଙ୍ଗିଆର ଟିମ ବିପଦର ବନ୍ଧୁ । ସୂଚନା ଅନୁସାରେ ସେହି ଦିନ ଫିରିଙ୍ଗିଆ ବ୍ଲକ ଅଂଚଳରେ ଥିବା ବନ୍ଧଗଡ ପଂଚାୟତର ମନୁଆବାଡି ଗ୍ରାମର ଲକ୍ଷ୍ମୀଧର କହଁର(୩୫)ଙ୍କର ଫୁଲବାଣୀ ଡାକ୍ତରଖାନାରେ ଏକ ପୁତ୍ର ସନ୍ତାନ ଜନ୍ମ ହେବାପରେ ସେହିଦିନ ଘରୁ କିଛି ଟଙ୍କା ଆଣିବା ପାଇଁ ସାଇକଲ ଯୋଗେ ଘରକୁ ଯାଉଥିବା ବେଳେ ଏକ ଚରିଚକିଆ ଯାନ ସହିତ ଧକ୍କା ହେବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ଏହି ଅକାଳ ମୃତ୍ୟୁ ଫଳରେ ତାଙ୍କର ନବଜାତ ଶିଶୁ ସମେତ ପରିବାରର ଭଲମନ୍ଦ ପଚାରିବାକୁ ଫିରିଙ୍ଗିଆ ଟିମ ବିପଦର ବନ୍ଧୁ ପହଂଚିଥିଲା । ଫିରିଙ୍ଗିଆ କଲେଜର ଅଧ୍ୟକ୍ଷ ନବକିଶୋର ସାହୁଙ୍କ ନେତୃତ୍ୱରେ ସଦସ୍ୟ ପ୍ରଦୀପ ମହାପାତ୍ର,ଉତମ ଖମାରୀ,ସୁଧାଂଶୁ କହଁର,ଭବାନୀ ଶଙ୍କର ବେହେରା,ଜିପୁନ ମୁଖି,ରାଜେଶ ଦିଗାଲ,ହରପ୍ରସାଦ ସାମନ୍ତରାୟ,ସଞ୍ଜୟ ସାହୁ ଏବଂ ଅନ୍ୟ ମାନେ ମିଶି ମୃତ ଲକ୍ଷ୍ମୀଧରଙ୍କ ଘରେ ପହଂଚିଥିଲେ । ତାଙ୍କ ବୃଦ୍ଧ ବାପାଙ୍କର ରାସନ କାର୍ଡ ଅଛି ହେଲେ ତାଙ୍କର ଆଧାର କାର୍ଡ ନଥିବାରୁ ତାଙ୍କୁ ଚାଉଳ କିମ୍ବା ବାର୍ଦ୍ଧକ୍ୟ ଭତା ମିଳୁନାହିଁ ତାଙ୍କୁ ଇନ୍ଦିରା ଅଆବାସ ଯୋଜନାରେ ସାମିଲ କରାଯାଇଛି ହେଲେ ତାଙ୍କର ଘର ଅଧପନ୍ତରିଆ ଅବସ୍ଥାରେ ପଡିରହିଛି । ପାଖରେ ଟଙ୍କାର ଅଭାବ ଯୋଗୁଁ ପୁଅର ସୁଦ୍ଧିକ୍ରିୟା କରିବାରେ ସେ ଅସମର୍ଥ ଥିବା ଟିମ ଅଗରେ କହିଛନ୍ତି ।

## ଜିଲାରେ କୋଭିଡ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ବିଧାୟକ ପାଣ୍ଠିରୁ ୭୦ ଲକ୍ଷ ଟଙ୍କାର ସହାୟତା

ବୌଦ୍ଧ : ବୌଦ୍ଧଜିଲାରେ କରୋନା ସଂକ୍ରମଣ ଯଦିଓ ନିମ୍ନଗାମୀ ହୋଇଛି ତୃତୀୟ ଲହରକୁ ନେଇ ଆଶଙ୍କା ଯୋଗୁଁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଭିତିଭୂମି ଦୃଢ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଅଛି । ସାଂସଦ ଓ ବିଧାୟକ ପାଣ୍ଠିକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିନିଯୋଗ କରାଯିବାକୁ ସରକାର ଅନୁମତି ପ୍ରଦାନ କରିବା ପରେ ବୌଦ୍ଧ ବିଧାୟକ ପ୍ରଦିପ କୁମାର ଅମାତ ଓ କଂଟାମାଳ ବିଧାୟକ ମହୀଧର ରଣା ନିଜସ୍ୱ ବିଧାୟକ ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ଲେଖାଏଁ କୋଭିଡ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଖର୍ଚ୍ଚ କରିବା ପାଇଁ ପ୍ରଦାନ କରିଥିବା ଜଣାଯାଇଛି । ବିଗତ ଦିନରେ କୋଭିଡରେ ମୃତ୍ୟୁବରଣ କରୁଥିବା ଲୋକମାନଙ୍କ ପାଇଁ ମହାପ୍ରୟାଣ ଗାଡିର ଆବଶ୍ୟକତା ଥିବା ଦାବି କରାଯାଇଥିବାବେଳେ ଏହି ଅର୍ଥରୁ ୩୦ ଲକ୍ଷ ଟଙ୍କାରେ ଦୁଇଟି ମହାପ୍ରୟାଣ ଗାଡି କିଣାଯିବାକୁ ରେଡକ୍ରସ ସୋସାଇଟିକୁ ପ୍ରଦାନ କରାଯାଇଥିବା ଜଣାପଡିଛି । ସେହିପରି ସରକାରଙ୍କ ପକ୍ଷରୁ ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା ଓ ସର୍ଭେ କାର୍ଯ୍ୟକୁ ଗୁରୁତ୍ୱପ୍ରଦାନ କରାଯାଇଥିଲାବେଳେ ଅନ୍ୟ ୨୦ ଲକ୍ଷ ଟଙ୍କା ଅକ୍ସିମିଟର, ଥର୍ମାଲ ସ୍କାନର ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ କିଣାଯିବାକୁ ଜିଲା ମୁଖ୍ୟଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି । ଏହାବ୍ୟତୀତ ଜିଲାର ପ୍ରତ୍ୟେକ ଗରିବ ପରିବାରକୁ (ତୁଣ୍ଡି)ମାସ୍କ ଯୋଗାଇ ଦେବାକୁ ଉଭୟ ବିଧାୟକଙ୍କ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ପ୍ରଦାନ କରାଯାଇଥିବା ଜଣାପଡିଛି । ଆଜି ବୌଦ୍ଧରେ ଏହି ମାସ୍କ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ମୁଖ୍ୟଅତିଥି ଭାବରେ ବିଧାୟକ ପ୍ରଦିପ କୁମାର ଅମାତ ଯୋଗଦେଇ ବୃଦ୍ଧ,ବୃଦ୍ଧା,ଅଙ୍ଗନବାଡି ଶିଶୁ ଓ ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କୁ ଏହି ମାସ୍କ ପ୍ରଦାନ କରିବା ସହିତ କୋଭିଡ ନିୟମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା,ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଂଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମିଳିଥିବା ସୂଚନା ମୁତବାକ ଜିଲାରେ ୫୧ ହଜାର ପେନସନଧାରୀ,୨୧ ହଜାର ଅଙ୍ଗନବାଡି ଛାତ୍ରଛାତ୍ରୀ,୬୯ ହଜାର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଗର୍ଭବତୀ ମହିଳା, ଦିବ୍ୟାଙ୍ଗ, ମଧୁବାବୁ ଓ ବିଧବା ଭତା ହିତାଧିକାରୀ ଏବଂ ଅସହାୟ ଗରିବ ଶ୍ରେଣୀର ଲୋକଙ୍କୁ ଏହି ଯୋଜନାରେ ମାସ୍କ ପ୍ରଦାନ କରାଯିବ । ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଗୋଟିଏ ପ୍ୟାକେଟରେ ୪ ଗୋଟି ଲେଖାଏଁ ମାସ୍କ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଏହାବ୍ୟତୀତ ବୌଦ୍ଧ ଏନଏସି ଅ ଲର ଦୁଇଟି କୋଭିଡ ଅନାଥ ପରିବାରକୁ ମାସିକ ୫ ଶହ ଟଙ୍କା ଲେଖାଏଁ ଭ । ପ୍ରଦାନର ବ୍ୟବସ୍ଥା କରାଯାଇଛି । ସମସ୍ତ କାର୍ଯ୍ୟକ୍ରମ ମାଧ୍ୟରେ କୋଭିଡ ନିୟମ ପାଳନ ଉପରେ ଅଧିକ ଗୁରତ୍ୱ ପ୍ରଦାନ କରାଯାଇଛି ।

## ଅଗ୍ନିକାଣ୍ଡଘଟି ଦୁଇବଖରା ଘର ଭସ୍ମିଭୂତ !



ଗଣିଆ, (ମନୋରନ ମଳିକ) : ସ୍ଥାନୀୟ ଗଣିଆବ୍ଲକ ନିକଟ ବେଲପଡ଼ା ପାଟଣା ପଞ୍ଚାୟତର ବିଜୟନଗର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇବଖରା ଘର ସମ୍ପୂର୍ଣ୍ଣଭାବରେ ଜଳିଯାଇଛି । ଖବର ନବାରେ ଜଣାପଡ଼ିଛି ଯେ ଗତ ରବିବାର ଦିନ ମଧ୍ୟାହ୍ନ ୧୨ ଘଟିକା ସମୟରେ ସର୍ଟସର୍କିଟ କାରଣରୁ ବିଜୟନଗର ଗ୍ରାମର ମୁକ୍ତା ସାହୁ ଘର କାମକରୁଥିବା ବେଳେ ଅଚାନକ ଘରେ ନିଆଁଲାଗି ଯାଇଥିବା ଦେଖି ସେ ସଂଜ୍ଞାହିନ ହୋଇ ପଡ଼ିଯାଇଥିବାବେଳେ ରହୁଁ ରହୁଁ ତାଙ୍କର ଦୁଇବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି ।ଏହି ଅଗ୍ନିକାଣ୍ଡରେ ମୁକ୍ତା ସାହୁଙ୍କର ସମସ୍ତ ଆବାସ ପତ୍ରପୋଡ଼ି ପାଉଁଶ ହୋଯାଇଥିବାରସୂଚନାମିଳିଛି ।ଗାଁଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେତେବେଳକୁ ସବୁପୋଡ଼ି ସର୍ବଶାନ୍ତ ହୋଇଯାଇଥିଲା । ପରେ ଗଣିଆ ଦମକଳ ବିଭାଗ ଅଧିକାରୀ ସାନନ୍ଦ ଚନ୍ଦ୍ରଜେନା ଓ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।ଏହି ପରିବାର ଅତ୍ୟନ୍ତ ଦରିଦ୍ର, ଅସହାୟ ଓ ଦିନ ମଜୁରିଆଭାବେ ଦିନ କାଟୁଥିବାରୁ ଅଗ୍ନିକାଣ୍ଡ ଦ୍ୱାରା ସମ୍ପୂର୍ଣ୍ଣଭାବେବେ ସାହାରା ହୋଇପଡ଼ିଛନ୍ତି ।ମୁକ୍ତା ସାହୁଙ୍କ ପୁଅ ବୋହୂ ମଜୁରୀଖଟିବାକୁ ବାହାରକୁ ଯାଇଥିବେଳେ ବିଧବା ମୁକ୍ତା ସାହୁ ନିଜ ନାତି ସହିତ ଘରେଏକା ରହିଥିଲେ । ଘଟଣାସ୍ଥଳରେ ପଞ୍ଚାୟତ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଶ୍ରୀ ଦଣ୍ଡଧର ଦାଶ ପହଞ୍ଚି ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇଛନ୍ତି ।ଏହି ପରିବାରକୁ ଲୁଗାପଟ୍ଟା ଓ ବାସନକୁସନ ଯୋଗାଇଦେବା ସହିତ ଇନ୍ଦିରା ଆବାସ ଘରଟିଏ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସସ୍ମିତା ନିର୍ଯାତନା ମାମଲା, ପୁଅକୁ ଫେରିପାଇଲା ମା

ଭଦ୍ରକ:ଏହି ଜିଲାର ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ନାଆମୀ ପଂଚାୟତର ସାତଶୋଳା ଗ୍ରାମ ନିବାସୀ ନିତ୍ୟ ଚୈତନ୍ୟ ଖଣ୍ଡେଇଙ୍କ ପତ୍ନୀ ସସ୍ମିତାଙ୍କୁ ନିଜ ପୁତ୍ର ଠାରୁ ଅଲଗା କରାଯିବା ସହ ପ୍ରବଳ ମାଡ ମରାଯାଇଥିବା ଘଟଣାରେ ପୁଲିସ୍ ଆଜି ମଧ୍ୟାହ୍ନରେ ୩ ବର୍ଷର ପୁଅକୁ ମା’ ସସ୍ମିତାଙ୍କୁ ହସ୍ତାନ୍ତର କରିଛି । ସଂପର୍କୀୟଙ୍କ ସହାୟତାରେ ଶାଶୁଘର ଲୋକେ ୩ ବର୍ଷର ପୁତ୍ର ସ୍ପନ୍ଦନଙ୍କୁ ଆଜି ଦିନ ପ୍ରାୟ ୧୧ଟା ବେଳେ ଥାନାରେ ପହ ।ଇବା ପରେ ପୁଲିସ୍ ସସ୍ମିତା ଓ ତାର ବାପ, ଭାଇ ଓ ଅନ୍ୟ ଭଦ୍ରଲୋକଙ୍କୁ ଥାନାକୁ ଡକାଇ ସସ୍ମିତାଙ୍କୁ ଜିମା ଦେଇଛି । ଖୁବ୍‌ଶୀଘ୍ର ଅଭିଯୁକ୍ତ ସ୍ୱାମୀ ନିତ୍ୟ ଚୈତନ୍ୟଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି । ତେବେ ଏତଲାରେ ଦର୍ଶାଯାଇଥିବା କେତେକ ବ୍ୟକ୍ତି ଘଟଣାସ୍ଥଳରେ ନଥିବା ନେଇ ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିଥିବାର କହିଛି । ମାତ୍ର ପୁଲିସ୍‌ର କାର୍ଯ୍ୟଧାରାକୁ ନେଇ ସସ୍ମିତା ସମେତ ତାର ବାପଘର ଲୋକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପୁଲିସ୍ ରାଜନୈତିକ ଓ ଅନ୍ୟ କେତେକ କାରଣରୁ ପ୍ରଭାବିତ ହୋଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ଅବହେଳା କରୁଥିବାର ଅଭିଯୋଗ ହେବା ପରେ ପୁଲିସ୍ ସମାଲୋଚନାର ଶରବ୍ୟ ହୋଇଛି । ସସ୍ମିତାଙ୍କ ଶ୍ୱଶୁର ନାରାୟଣ ଖଣ୍ଡାଇ ବିଜୁ ଜନତା ଦଳର ସମର୍ଥନରେ ନାଆମୀ ସେବା ସମବାୟ ସମିତିର ସଭାପତି ଥିଲେ । ଏଣୁ କ୍ଷମତାସୀନ ଦଳୀୟ ନେତାଙ୍କ ଚାପ କିମ୍ବା ଅନ୍ୟ କୌଣସି କାରଣରୁ ପୁଲିସ୍ ଗିରଫଦାରୀକୁ ଏଡାଇ ଜାମିନ୍ ଆବେଦନ ପାଇଁ ସୁଯୋଗ ସୃଷ୍ଟି କରୁଛି ବୋଲି ସସ୍ମିତାର ବାପା ପରମାନନ୍ଦ ସାହୁ ଅଭିଯୋଗ କରିଛନ୍ତି । ପୁତ୍ର ସ୍ପନ୍ଦନକୁ ପାଇବା ପରେ ମା’ ସସ୍ମିତା ସାମାନ୍ୟ ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ମାତ୍ର ତାଙ୍କୁ ତୁରନ୍ତ ନ୍ୟାୟ ମିଳୁ ବୋଲି କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ସସ୍ମିତାଙ୍କୁ ଗତ ୨୦୧୭ ମସିହା ମଇ ମାସ ୭ ତାରିଖରେ ନିତ୍ୟ ଚୈତନ୍ୟ ବୈଦିକ ରୀତିରେ ବିବାହ କରିଥିଲେ । ମାତ୍ର ପରେ ସ୍ୱାମୀଙ୍କ ସମେତ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି ସହ ଦ୍ୱିତୀୟ ବିବାହ କରିବା ପାଇଁ ନିତ୍ୟ ଚୈତନ୍ୟ ଧମକ ଦେବା ସହ ଯୌତୁକ ନିର୍ଯ୍ୟାତନା ଦେଇଥିଲେ । ଗତ ୮ ତାରିଖ ବିଳମ୍ବିତ ରାତିରେ ସସ୍ମିତାଙ୍କୁ ତାର ଶ୍ୱଶୁରଘର ଲୋକେ ମାଡମାରି ଗୁରୁତର ଆହତ କରିଥିଲେ । ଏହି ଘଟଣାରେ ସସ୍ମିତାଙ୍କ ଅଭିଯୋଗ କ୍ରମେ ପୁଲିସ୍ ଏକ ମାମଲା ରୁଜୁ କରିଛି । ତେବେ ଶାଶୁ, ଶ୍ୱଶୁର ଓ ନଣନ୍ଦଙ୍କ ସହ ଅନ୍ୟ ସମସ୍ତେ ଜଡିତ ଥିବା ବିଷୟ ସସ୍ମିତା ଏତଲାରେ ଦର୍ଶାଇଥିବାବେଳେ ପୁଲିସ୍ ଏହାକୁ ଦୀର୍ଘଦିନର ଦାମ୍ପତ୍ୟ କଳହ ବୋଲି କହି ହାଲୁକା ଭାବରେ ଘଟଣାକୁ ନେଇଛି ।

### ଝାରସୁଗୁଡାରେ ନକଲି ମେଡ଼ିସିନ ଠାବ

ଝାରସୁଗୁଡା :ରାଜ୍ୟରେ ଘୁରି ବୁଲୁଛି ନକଲି କମ୍ପାନୀର ନକଲି କରୋନା ମେଡ଼ିସିନ ।ପ୍ରଥମେ କଟକ ପରେ ରାଉରକେଲା ଏବଂ ଏବେ ଝାରସୁଗୁଡ଼ା ରେ ମଧ୍ୟ ସେହି ଫେକ କମ୍ପାନୀର ମେଡ଼ିସିନ ମିଳିଥିବା ଜଣା ପଡ଼ିଛି ।ଗତ ଦୁଇଦିନ ହେବ ଝାରସୁଗୁଡ଼ା ଜିଲ୍ଲା ଭେଷଜ ନିରୀକ୍ଷଣ ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ ବେଳେ ସେହି କମ୍ପାନୀର ମେଡ଼ିସିନ ଅମିତ ମେଡିକାଲ ଏଜେନ୍ସି ପାଖରେ ଷ୍ଟକ ଥିବା ଜଣା ପଡିଥିଲା । ଯେହେତୁ ସେହି କମ୍ପାନୀର ଏକମାତ୍ର ଷ୍ଟକିଟ ହେଉଛି ଝାରସୁଗୁଡ଼ା ଜିଲ୍ଲା ସରବାହାଲ କମଳା ଫର୍ନିଚର ନିକଟରେ ଥିବା ଅମିତ ମେଡିକାଲ ଏଜେନ୍ସି । ଅମିତ ମେଡିକାଲ ଏଜେନ୍ସି ନିକଟରୁ ହିମାଚଳ ପ୍ରଦେଶ ର ମ୍ୟାକ୍ସ ରିଲିଫ ହେଲ୍ଥ କେୟାର କମ୍ପାନୀର ଦୁଇଟି ବ୍ରାଣ୍ଡ ର ମେଡ଼ିସିନ କୁ ସିଜ କରିଛି ଝାରସୁଗୁଡ଼ା ଭେଷଜ ନିରୀକ୍ଷଣ ବିଭାଗ ।ମେଡ଼ିସିନ ଗୁଡିକ ହେଲା ମେଡ଼ି ଟ୍ରିଟକମ୍ପାନୀ ର ମେଡି ଟିବିଆର ଏବଂ ଟ୍ରିଟ ୨୦୦ ଟିବି ।

## ଫୁଲବାଣୀ ନାରାୟଣୀ ପାହାଡର ଗୋଟିଏ ପଟରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଅନ୍ୟପଟରେ ରାସ୍ତା ପାର୍ଶ୍ୱରେ ସହରର ଅବର୍ଜନା ଗଦା କରୁଛି ପୌରପାଳିକା

କନ୍ଧମାଳ : ସବୁଜ ବଳୟ ଓ ପାହାଡ ପରିବେଷ୍ଟିତ ଫୁଲବାଣୀ ସହର ପ୍ରକୃତି ପ୍ରେମୀ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ରହିଆସିଛି । ସହରର ନାରାୟଣୀ ପାହାଡ ମଧ୍ୟ ଦେଇ ଚାଲି ଚାଲି କିମ୍ବା ଗାଡିରେ ଯିବା ଏକ ନୂଆ ଅନୁଭୂତି ଆଣିଦିଏ । ପାହାଡ ଉପରେ ଅଙ୍କା ବଙ୍କା ରାସ୍ତାରେ ଯିବା ବେଳେ ନିମ୍ନ ଦେଶରେ ପିଲା ସାଲୁଙ୍କି ନଦୀ ସର୍ପିଳ ଗତିରେ ବହି ଯାଉଥିବା ବେଳେ ସହରର ଏକ ସୁନ୍ଦର ଚିତ୍ର ଆଙ୍କି ହୋଇଯାଏ ମନରେ । ପାହାଡର ଏକ ପାର୍ଶ୍ୱରେ ସହରର ଅନ୍ୟତମ ଆରାଧ୍ୟ ଦେବୀ ମାଆ ନାରାୟଣୀଙ୍କ ପୀଠ ଥିବା ବେଳେ ପାହାଡ ଉପରେ ମାଆ ବ୍ରାହ୍ମଣୀ ଦେବୀଙ୍କ ପୀଠ ବିଦ୍ୟମାନ । ଏହି ରାସ୍ତାରେ ଏକ ସୁନ୍ଦର ପାର୍କ ନିର୍ମାଣାଧିନ ଥିବା ବେଳେ ଚନ୍ଦନ ବଣରେ ପରିପୂର୍ଣ୍ଣ ରହିଛି ଅନେକ ଅଂଚଳ । ସହରର ସମସ୍ତ ସ୍କୁଲ ପ୍ରାୟତଃ ଏହି ରାସ୍ତାରେ ଅବସ୍ଥିତ ଥିବା ବେଳେ ସକାଳ ହେଉ ଅବା ସନ୍ଧ୍ୟାରେ ଲୋକଙ୍କ ଭିଡ ଲାଗିରହେ ପ୍ରାକୃତିକ ପରିବେଶ ଉପଭୋଗ କରିବା ପାଇଁ । କିନ୍ତୁ ପୌର ପାଳିକାର ବିଚିତ୍ର ଆବଭାବକୁ ନେଇ ସମସ୍ତେ ଚକିତ । ଏହି ରାସ୍ତାରେ ସହରର ଅଳିଆ ଆବର୍ଜନାକୁ ନେଇ ଡମ୍ପିଙ୍ଗ୍ କରୁଛି ପୌରପାଳିକା । ସହରବାସୀ ସମେତ ଗୁଦାରୀ ପଂଚାୟତବାସୀ ଏପରି କାର୍ଯ୍ୟକଳାପକୁ ନାପସନ୍ଦ କରିଛନ୍ତି । ପୌରପାଳିକା ମଇଳା ସଫା କରିବା ସହିତ ତୁରନ୍ତ ଡମ୍ପିଙ୍ଗ୍ ବନ୍ଦ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ପରିବେଶବିତ୍ ବିଜୟ ପଟ୍ଟନାୟକ,ସଦାଶିବ ପାତ୍ର,ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ମଧ୍ୟ ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ପୌରପାଳିକା ତୁରନ୍ତ ବନ୍ଦ କରିବା ସହିତ ବୃକ୍ଷରୋପଣ ଓ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି ।

## ସୁନ୍ଦରଗଡ ଜିଲ୍ଲାରେ ନକଲି ମେଡିସିନ କାରବାର

ରାଉରକେଲା: ରାଜ୍ୟର କଟକ ସହରରେ ବିପୁଳ ପରିମାନର ନକଲି କରୋନା ମେଡ଼ିସିନ ଧରାପଡିବା ପରେ ରାଉରକେଲାରେ ସ୍ଥାନୀୟ ଭେଷଜ ନୀରିକ୍ଷକ ପୁଲିସ ସହୟତାରେ ଗତକାଲି ଠାରୁ ଆଜି ସୁଦ୍ଧା ୩ରୁ ଅଧିକ ହୋଲସେଲରଙ୍କ ଗୋଦାମରେ ଚଡଉ କରିଥିବା ସୂଚନା ମିଳିଛି । ତେବେ ଜିଲ୍ଲାର ବିଭିନ୍ନ ଡାକ୍ତରଖାନା, ଗ୍ରାମାଂଚଳରେ ବିକା ଚାଲିଥିବା ମେଡିସିନ ଗୁଡିକର ମାନ, ଗୁଣବତା, ସଠିକ କମ୍ପାନୀ, ମିସବ୍ରାଣ୍ଡ ଓ ନକଲିକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ ।ଏହି ଘଟଣା ପରେ ସହର ତଥା ଜିଲ୍ଲାର ବୁଦ୍ଧିଜୀବି ଏହି କାରବାରକୁ ନେଇ ଚିନ୍ତାରେ ପଡିବା ସହ ଏହି ବିଭାଗର ରାଜ୍ୟ ମୁଖ୍ୟ ଓ ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏକଦା ରାଉରକେଲାରେ ଡ୍ରଗ୍ସ ନୀରିକ୍ଷକ ଭାବେ କାମ କରୁଥିବା ବର୍ତମାନର ରାଜ୍ୟ ଡ୍ରଗ୍ସ କଂଟ୍ରୋଲର ଓ ୫ ବର୍ଷରୁ ଉର୍ଦ୍ଧ୍ୱ ରାଉରକେଲାରେ ରହିଥିବା ବର୍ତ୍ତମାନର ଡ୍ରଗ୍ସ ନୀରିକ୍ଷକ ଏନେଇ କଣ କରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ଏକଦା ଜିଲ୍ଲା ଲାଗି ଜଣେ ଡ୍ରଗ୍ସ ନୀରିକ୍ଷକ ରହୁଥିବା ବେଳେ ବର୍ତମାନ ଜିଲ୍ଲାରେ ୨ ଜଣ ଡ୍ରଗ୍ସ ନୀରିକ୍ଷକ ପଦବୀ ରହିଛି । ଏମାନେ ଜିଲ୍ଲାରେ ଥିବା ମେଡିସିନ ଦୋକାନ ସମେତ ବିଭିନ୍ନ ଡାକ୍ତରଖାନା, ଅକ୍ସିଜେନ କାରଖାନା ସମେତ ବହୁତ ଅନୁଷ୍ଠାନ ଉପରେ ନଜର ରଖିବା କଥା । ମେଡିସିନ ଦୋକାନ ଗୁଡିକୁ ନିୟମିତ ବୁଲି ସେଠାରୁ ନିୟମିତ ମେଡିସିନ ସାମ୍ପଲ ମଧ୍ୟ ନେବା କଥା । ସେଗୁଡିକୁ ରାଜ୍ୟ ତଥା, ରାଜ୍ୟ ବାହାରେ ଥିବା ପରୀକ୍ଷା କେନ୍ଦ୍ରଗୁଡିକୁ ସେହି ମେଡିସିନର ମାନ ପରୀକ୍ଷା ଲାଗି ପଠାଇବା କଥା । ପରୀକ୍ଷା ରିପୋର୍ଟ ଆସିବା ପରେ ନକଲି ମେଡିସିନ ଗୁଡିକୁ ବଜାରରୁ ହଟାଇବା ସହ ସେହି ସଂପର୍କରେ ଗଣ ମାଧ୍ୟମରେ ମେଡିସିନ ଗୁଡିକର ବ୍ୟାଚ ନମ୍ବର ସହ ସମସ୍ତ ତଥ୍ୟ ଦେଇ ଲୋକଙ୍କୁ ସେହି ମେଡିସିନ ବ୍ୟବହାର ନକରିବା ଲାଗି ସଚେତନ କରାଇବା କଥା । କିନ୍ତୁ, ଏସବୁ ଜିଲ୍ଲାରେ କେବେ ହେଲେ ହେଉଥିବା ଦେଖାଯାଉ ନାହିଁ । ଜିଲ୍ଲାରେ ଦିନକୁ ଦିନ ମେଡିସିନ ବେପାର, ହୋଲସେଲଙ୍କ ସଂଖ୍ୟା ବଢିବା ସହ ପଶ୍ଚିମ ଓଡିଶାର ବିଭିନ୍ନ ସରକାରୀ ଡାକ୍ତରଖାନା ଗୁଡିକୁ ମେଡିସନ ଯୋଗାଣ ଲାଗି ସଂସ୍ଥା ମଧ୍ୟ ରାଉରକେଲାରେ ବଢିଲେ । ରାଜ୍ୟ ଡ୍ରଗ୍ସ କଂଟ୍ରୋଲର ଓ ନୀରିକ୍ଷକ ମାନେ ନୀରବ ରହିବା ଯୋଗୁ ଏଭଳି ନକଲି କାରବାର ଜିଲ୍ଲାରେ ବଢିବାରେ ଲାଗିଛି । ଜିଲ୍ଲାରେ ବର୍ତମାନ ସମୟ ଅତିକ୍ରାନ୍ତ ମେଡିସିନ ,ମିସ ବ୍ରାଣ୍ଡ ମେଡିସିନ,ନିମ୍ନ ମାନର ମେଡିସିନ ହାଉଯାଉ ହେବା ସହ ଏସବୁକୁ ବିକୁ ଥିବା ବେପାରୀ ମାନଙ୍କର ଏହି ବିଭାଗ ପ୍ରତି ଆଦୌ ଭୟ ନଥିବା ଜଣାପଡିଛି । କାରଣ ଏହି ଜିଲ୍ଲାରେ ବିଗତ ୫ ବର୍ଷ ଭିତରେ ଏହି ବିଭାଗ ପକ୍ଷରୁ ନିମ୍ନ ମାନର ମେଡିସିନ , ନକଲି ମେଡିସିନ, ମିସବ୍ରାଣ୍ଡ ମେଡିସିନ, ନାମୀ କମ୍ପାନୀ ଗୁଡିକ ନାମରେ ନକଲି କରାଯାଇ ଚାଲୁଥିବା ମେଡିସିନ ବିକ୍ରୀ କରୁଥିବା ବ୍ୟବସାୟୀ କିମ୍ବା କମ୍ପାନୀ ବିରୋଧରେ ଗୋଟାଏ ହେଲେ ମାମଲା ରୁଜୁ କରାଯାଇ ନାହିଁ । ନିୟମିତ ମେଡିସିନ ସାମ୍ପଲ ନିଆ ନଜିବା, ସେଗୁଡିକୁ ପରୀକ୍ଷା ଲାଗି ପଠା ନଜିବା, ଏହି ସବୁ ଭୟ ଦେଖାଯାଇ ନିଜ ସ୍ୱାର୍ଥ ପୂରଣରେ ଯଦି ବ୍ୟସ୍ତ ରହିବା ଭଳି କାମ ଜାରୀ ରହେ ତେବେ ନକଲି କାରବାର ଅଧିକରୁ ଅଧିକ ବଢିବା ସହ ଆଗାମୀ ଦିନରେ ସ୍ଥିତି ଭୟଙ୍କର ହୋଇଜିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବର୍ତମାନ ସମୟରେ ଖାଦ୍ୟ ଠାରୁ ନାନା ସାମଗ୍ରୀ ନକଲି ହୋଇ ବଜାରକୁ ଆସୁଥିବାବେଳେ ରୋଗରେ ପଡି ମଣିଷ ଆରୋଗ୍ୟ ହେବା ଲାଗି ଭରଷା କରୁଥିବା ମେଡିସିନରେ ଯଦି ଏଭଳି ନକଲି କାରାବାର ହେଲା ଓ ଏସବୁକୁ ଦେଖିବା ଲାଗି ରହିଥିବା ସରକାରୀ ବାବୁ ମାନେ ଯଦି କିଛି ନକରି ନୀରବ ରୁହନ୍ତି ତେବେ ଲୋକେ ଭରଷା କରିବେ କାହାକୁ ବୋଲି ପ୍ରଶ୍ନ ଉଠିଛି । ରାଜ୍ୟରେ ଏହି ବିଭାଗର ମୁଖ୍ୟ ମାନେ ଡ୍ରଗ୍ସ ନୀରିକ୍ଷକରୁ ଚାକିରୀ ଆରମ୍ଭ କରି ଡ୍ରଗ୍ସ କଂଟ୍ରୋଲର ହେବା ଦ୍ୱାର ସେମାନଙ୍କର ଅତିତର କାମ ଓ ସେହି ଯାଗାକୁ ଆସୁଥିବା ନୂଆ ନୀରିକ୍ଷକ ମାନଙ୍କ କାମ ଏକ ପ୍ରକାର ସମାନ ରହୁଥିବାରୁ , ତୁ ତ ମୁତୁରୀ ମୁଁ ତ ମୁତୁରୀ ହେଁସ କାହିଁ ଲାଗି ଧୋଇବା ରୀତିରେ ଏହି ବିଭାଗ ଚାଲିଛି ଓ ଲୋକଙ୍କ ଲାଗି ବିପଦ ବଢି ଚାଲିଛି ବୋଲି ଜଣେ ପୁରାତନ ଡ୍ରଗ୍ସ କଂଟ୍ରୋଲର ନିଜ ନାମ ପ୍ରକାଶ ନକରିବାକୁ ଅନୁରୋଧ କରି କହିଛନ୍ତି । ଏହି ବିଭାଗର ମୁଖ୍ୟ ଭାବେ ଜଣେ ଆଇଏଏସଙ୍କୁ ରଖାଜିବା ସହ ତାଙ୍କୁ ସହଯୋଗ କରିବା ଲାଗି କିଛି ଏକ୍ସପୋର୍ଟଙ୍କୁ ନିଯୁକ୍ତ କରାଜିବା କଥା ବୋଲି ସେ ମତ ଦେଇଛନ୍ତି । ନଚେତ ରାଜ୍ୟରେ ମେଡିସିନ ଦୋକାନ ସଂଖ୍ୟା ଦିନିକୁ ଦିନ ବଢିବା ସହ ନକଲି କାରବାର ଅଧିକ ବଢିବ ବୋଲି ସେ ମତ ଦେଇଛନ୍ତି ।

## ସୀମାନ୍ତରେ ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି: ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରାଜ୍ୟ ର ବିଜାପୁର ଜିଲ୍ଲା ର ଗଙ୍ଗାଲୁର କ୍ଷେତ୍ର କମିଟିର ମାଓଦମ୍ପତି ମାଓସଂଗଠନ ରୁ ଅତିଷ୍ଠ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନ ଯାପନ କରିବା ପାଇଁ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ରାଜ୍ୟ ରେ ଚାଲିଥିବା ମାଓବାଦୀଙ୍କ ଆତ୍ମସମର୍ପଣ ନୀତିର ବ୍ୟାପକ ପ୍ରଚାର ହେତୁ ଗଙ୍ଗାଲୁର ଏରିଆ କମିଟିର ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ଦମ୍ପତି ହେଲେ କୋରସା ଅନୀତା ସ୍ୱାମୀ କୋରସା ଲାଚୁ ଅଟେ !ଏମାନଙ୍କ ଘର କାଣ୍ଡକାପରା ପୋଲିସ ଷ୍ଟେସନ ନାଇମଡ ଗ୍ରାମରେ ! ପୋଲିସ୍ ଅଧୀକ୍ଷକ ବିଜାପୁର କମଲଲୋଚନ କଶ୍ୟପ, ଅତିରିକ୍ତ ପୋଲିସ ଅଧୀକ୍ଷକ ଡକ୍ଟର ପଙ୍କଜ ଶୁକ୍ଲା, ଡେପୁଟି ପୋଲିସ୍ ଅଧୀକ୍ଷକ ଆଶିଷ କୁଞ୍ଜାମଙ୍କ ସମ୍ମୁଖ ରେ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଥିଲେ । କୋରସା ଲାଚୁ ବୟସ ୩ ୨ ବର୍ଷ (ଜାପେଲି କାଣ୍ଡକାପାରା ମିଳିସିଆ ପ୍ଲାଟୁନ୍ ସେକ୍ସନ୍ କମାଣ୍ଡର) ମାଓବାଦୀ ସଂଗଠନରେ ସେ ୨ ୦୦୨ ମସିହାରେ ଗଙ୍ଗାଲୁର ର ସିଏନ୍‌ଏସ୍ ସଭାପତି ଦୀନେଶ ମୋଡିୟାମ୍ ଦ୍ୱାରା ସିଏନ୍‌ଏମ୍ ସଦସ୍ୟ ଭାବରେ ସଂଗଠନରେ ସାମିଲ ହୋଇଥିଲା ! ୨ ୦୦୮ ରେ ସଂଗଠନର ଅନୀତା ହାପକା ଙ୍କୁ ବିବାହ କରିଥିଲେ । ୨ ୦୧ ୯ ରେ ମିଲିସିଆ ପ୍ଲାଟୁନ୍ ସେକ୍ସନ୍ କମାଣ୍ଡର ପଦରେ କୋରସା ଲାଚୁ ଙ୍କୁ ପଦୋନ୍ନତି କରାଯାଇଥିଲା । ସେ ୨ ୦୦୫ ମସିହାରେ, ସଡକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟର ଅଗ୍ନିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିଲେ ।ନାଇମେଣ୍ଡ ବଜାରରେ କନଷ୍ଟେବଳ ତେଲାମ ମାରୁମଙ୍କ ହତ୍ୟାରେ ସମ୍ପୃକ୍ତ ଥିଲା କୋରସା ଅନୀତା ବୟସ ୨ ୯ ବର୍ଷ ସେ କେ.ଏ.ଏମ. ଏସ ସଦସ୍ୟ ଭାବେ ମାଓବାଦୀ ସଂଗଠନରେ ୨ ୦୦୩ ମସିହାରେ, ଗ୍ରାମ ନାଇମଡ଼ ମିଲିସିଆ କମାଣ୍ଡର ରମେଶ ପୁନେମଙ୍କ ଦ୍ୱାରା ଘୁମରା ର ବାଲ ସଙ୍ଗମ ପଦରେ ସଂଗଠନରେ ଅନ୍ତର୍ଭୁକ୍ତ ହୋଇଥିଲେ ।




ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK





Bhubaneswar Tuesday June 15, 2021 ଭୁବନେଶ୍ୱର ମଙ୍ଗଳବାର, ଜୁନ୍ ୧୫,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଉବର୍ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀର ଡେଲିଭରି ତଥା ଉବର୍ କନେକ୍ଟ ଲାଗି ନିୟୋଜିତ ଯାନ ସଂଖ୍ୟା ଦୁଇଗୁଣ ବୃଦ୍ଧି



ଭୁବନେଶ୍ୱର:ମହାମାରୀର ୨ୟ ଲହର ସମୟରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବାର ଏକ ପ୍ରୟାସରେଉବର୍ ପକ୍ଷରୁ ଆଜି ଏହାର ପ୍ୟାକେଜ୍ ଡେଲିଭରିସର୍ଭିସ୍, ଉବର୍‌କନେକ୍ଟ ପାଇଁ ନିୟୋଜିତ ଦୁଇଚକିଆ ଯାନ ସଂଖ୍ୟା ଦୁଇଗୁଣ ବୃଦ୍ଧିକରିବାକୁ ଘୋଷଣା କରାଯାଇଛି । ଗତ ମେ' ମାସରେ ଉବର୍‌କନେକ୍ଟ ପାଇଁଚାହିଦାରେ ୩ ଗୁଣ ବୃଦ୍ଧି ହୋଇଥିଲା ବେଳେ ଅନେକ ଲୋକ ନିଜ ପରିବାର ଓ ପ୍ରିୟଜନ ମାନଙ୍କୁ ଗ୍ରୋସରୀ, ଅଣ ପ୍ରେସ୍ କ୍ରିପ୍‌ଶନ ଔଷଧ, ମେଡିକାଲ ଡିଭାଇସ୍ ଓ କେୟାର ପ୍ୟାକେଜ୍‌ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବା ପାଇଁଏହି ସେବାର ବ୍ୟବହାର କରୁଛନ୍ତି । ଅନ୍-ଡିମାଣ୍ଡ ପିକ୍‌ଅପ୍, ଡିଜିଟାଲପେମେଂଟ୍ ଓ କଂଟାକ୍ଟଲେସ ଡୋର୍‌ଷ୍ଟେପ ଡେଲିଭରି ଆଦି ଲୋକମାନଙ୍କୁ ପରସ୍ପରକୁ ପାର୍ସଲ ପଠାଇବା କିମ୍ବା ରିସିଭ୍ କରିବାଏବଂ ନିଜ ଘରର ସୁରକ୍ଷା ମଧ୍ୟରୁ ନବାହାରି ନିକଟସ୍ଥ ଦୋକାନରୁ ସାମଗ୍ରୀ ଅର୍ଡର କରିବାକୁ ଅନୁମତି ଦେଉଛି, ଯାହା ଫଳରେ ଲକ୍ଷ ଲକ୍ଷ ଲୋକ ସମ୍ମୁଖୀନ ହେଉଥିବାଲଜିଷ୍ଟିକ୍‌ଚ୍ୟାଲେଂଜର ସମାଧାନ ହୋଇପାରୁଛି । ଏହି ଅଭିଯାନ ସମ୍ପର୍କରେ ମତରଖି କୋଭ୍-ଏଡ୍‌ର ପ୍ରତିଷ୍ଠାତା ସ୍ନେହ ଯାଦବ କହିଛନ୍ତି, ବର୍ତ୍ତମାନର ଅପ୍ରତ୍ୟାଶିତ ସମୟରେ କୋଭି-ଏଡ୍‌ର ଲକ୍ଷ୍ୟ ହେଉଛି କୋଭିଡ୍ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ମିଲ୍‌ସେବା ପ୍ରଦାନ କରିବା ଏବଂ ଉବର୍ କନେକ୍ଟ ମାଧ୍ୟମରେ ଆମେ କୋଲ୍‌କାତାର ଅନେକ ବ୍ୟକ୍ତି ବିଶେଷ ଓ ପରିବାର ଗୁଡିକୁ ସୁଗମତା ଓ ଦକ୍ଷତାର ସହିତ ଖାଦ୍ୟ ପଠାଇପାରିଛୁ । ଉବର୍‌ଇଣ୍ଡିଆ ଓ ସାଉଥ୍ ଏସିଆର ରଣନୈତିକ ଅଭିଯାନ ବିଭାଗର ମୁଖ୍ୟ ତରୁଣ ଗୁପ୍ତା କହିଛନ୍ତି, ଉବର୍‌କନେକ୍ଟ ଏହି ସଙ୍କଟ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବା ଓ ଗ୍ରହଣକରିବା, ଦୋକାନରୁ ସାମଗ୍ରୀ ଅର୍ଡର କରିବାଏବଂ ନିଜବନ୍ଧୁ ଓ ପରିବାର ସହ କନେକ୍ଟେଡ୍ ରହିବା ପାଇଁ ଉପଭୋକ୍ତାଙ୍କ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ସେବା ହୋଇଛି । ମହାମାରୀର ୨ୟ ଲହର ସମୟରେ ଏହି ସେବା ପାଇଁଚାହିଦା ବଢୁଥିବାରୁ ଆମକୁ ଆମ ସମୁଦାୟଗୁଡିକର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ସହିତ ଡ୍ରାଇଭର ମାନଙ୍କ ପାଇଁ ନୂତନ ରୋଜଗାରସୁଯୋଗସୃଷ୍ଟିକରିବାଲାଗି ପ୍ଲାଟ୍‌ଫର୍ମରେ ଦୁଇଚକିଆ ଯାନ ସଂଖ୍ୟାବୃଦ୍ଧିକରିବାକୁ ପଡିଛି । ଗତବର୍ଷମେ' ମାସରେ ଦେଶବ୍ୟାପୀ ଲକ୍‌ଡାଉନ୍ ସମୟରେ ଲଂଚ୍ କରାଯାଇଥିବା ଏହି ଦୁଇଚକିଆ ଯାନ ଡେଲିଭରି ସେବା ଏବେ ଭୁବନେଶ୍ୱର, କୋଲ୍‌କାତା, ହାଇଦ୍ରାବାଦ, ଜୟପୁର, ଚେନ୍ନାଇ, ଲକ୍ଷ୍ନୌ, ଅହମ୍ମଦାବାଦ ଓ ଚଣ୍ଡୀଗଡ ଆଦି ଦେଶର ୨୬ଟି ସହରରେ ଉପଲବ୍ଧ ହେଉଛି । ଉବର୍‌ର ଅନ୍-ଡିମାଣ୍ଡ ଟ୍ରିପ୍‌ସଭଳିସମାନ ରୂପେ ଉପଭୋକ୍ତାମାନେ ପିକ୍‌ଅପ୍, ଏନ୍‌ରୁଟ୍ ଓ ଆଟ୍ ଦି ଡ୍ରପ୍‌ଅଫ୍ ଆଦି ପୂର୍ବରୁଟ୍ରିପ୍‌ର ପ୍ରଗତିକୁ ତଦାରଖ କରିବା ଜାରିରଖି ପାରିବେଏବଂ ପ୍ୟାକେଜ୍‌ଗ୍ରହଣକରିବାକୁ ଥିବାବ୍ୟକ୍ତିଙ୍କ ସହ ଡେଲିଭରିଷ୍ଟାଟ ସସେୟାର ମଧ୍ୟ କରିପାରିବେ ।ଏହି ସେବା ଉପରେ ଅଧିକ ବିବରଣୀ ପାଇଁ ଆନଣ ଆମର ନ୍ୟୁଜ୍‌ରୁମ୍ ପୋଷ୍ଟକ ଭିଜିଟ୍‌କରିପାରିବେ ।

## ପୁରୀ ଜିଲ୍ଲାରେ ନୂଆ ୨୪୩ କରୋନା ପଜିଟିଭ୍ ଚିହ୍ନଟ

ପୁରୀ: ପୁରୀ ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ନୂଆ ୨୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୨୧ ଜଣ, ବ୍ରହ୍ମଗିରିରୁ ୧୩ ଜଣ, ଡ଼େଲାଙ୍ଗ ବ୍ଲକରୁ ୧୦, ଗୋପ ବ୍ଲକରୁ ସର୍ବାଧିକ ୩୬, କାକଟପୁର ବ୍ଲକରୁ ୧୫ ଜଣ ଏବଂ କଣାସ ବ୍ଲକରୁ ୧୨ ଜଣ, କୋଣାର୍କ ବିଜ୍ଞାପିତ ଅଂଚଳରୁ ଜଣେ, କୃଷ୍ଣପ୍ରସାଦ ବ୍ଲକରୁ ୨ ଜଣ ଓ ନିମାପଡ଼ା ବ୍ଲକରୁ ୨୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୨ ଜଣ, ପିପିଲି ବ୍ଲକରୁ ୩୦ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ୩ ଜଣ, ପୁରୀ ସଦର ବ୍ଲକରୁ ୩୩ ଜଣ ଏବଂ ପୁରୀ ପୌରାଚଂଳରୁ ୧୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସତ୍ୟବାଦୀ ବ୍ଲକରୁ ୨୧ ଜଣ ଓ ଅନ୍ୟ ଜିଲ୍ଲାରୁ ଆସି ପୁରୀ ଜିଲ୍ଲାରେ ରହିଥିବା ଜଣେ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଗତକାଲି ୩୩୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାପଡିଛି ।

## ୨୫ ବୋତଲ କୋରେକ୍ସ ଜବତ, ଦୁଇ ଗିରଫ

ପୁରୀ: ସ୍ନାନପୂର୍ଣ୍ଣିମା ଉପଲକ୍ଷେ ଟାଉନ୍ ଥାନା ପୋଲିସ ପକ୍ଷରୁ ଜଗନ୍ନାଥ ବଲ୍ଲଭରେ ଚଢ଼ଉ କରାଯାଇ କୋରେକ୍ସ ବିକ୍ରୀ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଅବକାଶ ଲେନ୍ ର ସୌମ୍ୟରଞ୍ଜନ ମଳିକ (୨୩) ଓ ଦତତୋଟାର ସନ୍ଦୀପ ଦାଶ (୨୪) ।

## କରୋନା ପାଇଁ ଫିକା ପଡିଲା ରଜ ଉତ୍ସବ, ଶୁଭୁନାହିଁ ରଜ ଦୋଳି ଗୀତ



କୋଣାର୍କ : ମହାମାରି କରୋନା ପାଇଁ ରଜ ଉତ୍ସବ ଫିକା ପଡିଯାଇଛି । ପ୍ରଶାସନ ପକ୍ଷରୁ ରଜ ଉତ୍ସବ ପାଳନ ସ୍ଥଳୀ ମା' ଭଗବତୀଙ୍କ ପୀଠ ଓ ଚନ୍ଦ୍ରଭାଗା ବେଳାଭୂମୀରେ ୧୪୪ଧାରା ଲାଗୁ କରାଯାଇଛି । ଝିଅ ବୋହୁମାନେ ରଜ ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ପୂର୍ବ ପ୍ରସ୍ତୁତି କରିଥିଲେ ମଧ୍ୟ କରୋନା ବାଧକ ସାଜି ଠିଆ ହୋଇଛି । ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ପର୍ବ ପର୍ବାଣୀମାନଙ୍କ ମଧ୍ୟରେ ରଜପର୍ବ ଅନ୍ୟତମ । ଆମେ ପାଳନ କରୁଥିବା ସମସ୍ତ ପର୍ବ ପର୍ବାଣୀଗୁଡିକରେ ଦେବାଦେବୀମାନଙ୍କୁ ପୂଜାର୍ଚ୍ଚନା କରୁଥିବାବେଳେ ରଜପର୍ବ ଏହାର ଏକ ବ୍ୟତିକ୍ରମ । ଏହି ପର୍ବକୁ ମାଟିମାର ବିଶ୍ରାମ ପର୍ବ ବୋଲି ଆମେ ମାନିଥାଉ । ଏହି ପର୍ବଟି ଝିଅ ବୋହୁମାନଙ୍କ ପାଇଁ ଏକ ମୂଖ୍ୟ ପର୍ବ ହୋଇଥାଏ । ପୂର୍ବେ ରଜ ଉତ୍ସବ ସମୟରେ ଗାଁ ଦାଣ୍ଡରେ ପୁଅ ପିଲାମାନେ କବାଡି. ତାସ, ପଶା ଓ ଲୁଡୁ ଖେଳରେ ମଜିରହୁଥିବା ବେଳେ ଏହି ସମୟରେ ଝିଅ ବୋହୁମାନେ ନୂତନ ବସ୍ତ୍ର ପରିଧାନ କରି ତାସ, ଲୁଡୁ, ପୁଚି ଇତ୍ୟାଦି ଖେଳିବା ସହ ଗାଁ ମଧ୍ୟରେ ଥିବା ବଡ ବଡ ବୃକ୍ଷମାନଙ୍କରେ ଦୋଳି ବାନ୍ଧି ଦଳ ଦଳ ହୋଇ ରଜଗୀତ 'ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ..." ଇତ୍ୟାଦି ବିଭିନ୍ନ ରକମର ପଲ୍ଲୀଗୀତ ବୋଲି ଥାନ୍ତି । ଓଡିଆମାନଙ୍କର ସଂସ୍କୃତି ଓ ପରମ୍ପରାର ଏକ ନିଛକ ପ୍ରତିଛବି ହେଉଛି ଏହି ରଜ ପର୍ବ । ଓଡିଆମାନେ ଏହି ପର୍ବକୁ ଉତ୍ସାହ ଉଦିପନାର ସହ ୪ଦିନ ଧରୀ ପାଳନ କରିଥାନ୍ତି । ଆଷାଢ ମାସର ସଂକ୍ରାନ୍ତି ଆଗ ଦିନଠାରୁ ରଜପର୍ବ ପାଳନ କରାଯାଇଥାଏ । ପ୍ରଥମ ଦିବସକୁ ପହିଲିରଜ, ଦ୍ୱିତୀୟ ଦିବସକୁ ରଜସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମୀଦହନ ଦିବସ ଓ ଚତୁର୍ଥ ଦିବସକୁ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ ଦିବସ ଭାବରେ ପାଳନ କରାଯାଇଥାଏ । ଏହି ସମୟରେ ଘରେ ଘରେ ବିଭିନ୍ନ ପ୍ରକାର ପୋଡପିଠା ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହେବାସହ ଖଳକୁଦରେ ପୁରପଲ୍ଲୀରେ ଆନନ୍ଦର ଲହରୀ ଖେଳି ଉଠୁଥିଲା । ଏବେ ପ୍ରାକୃତିକ ବିପତ୍ତି ଓ ଆଧୁନିକତାର ଛାପରେ ଧିରେ ଧିରେ ରଜ ପର୍ବର ପୂର୍ବ ପରମ୍ପରା ହଜିବାରେ ଲାଗିଛି । ଉଗ୍ର ଆଧୁନିକତାର କୁ ପ୍ରଭାବରେ ଓଡିଆମାନଙ୍କର ପୁରାତନ ପରମ୍ପରା ଓ ସଂସ୍କୃତି ଜନମାନସରୁ ବିଲୁପ୍ତ ହେବାରେ ଲାଗିଛି । ଆଜିର ମାନବ ଆଧୁନିକ ସଂସ୍କୃତିକୁ ଆପଣେଇ ନେଉଥିବାରୁ ଉତ୍କଳବାସୀଙ୍କ ୧୨ମାସରେ ହେଉଥିବା ୧୩ ପର୍ବର ପୂର୍ବ ଉତ୍ସାହ ଆଉ ଦେଖିବାକୁ ମିଳୁ ନାହିଁ । ଓଡିଆ ମାନଙ୍କର ମୂଖ୍ୟ ଆକର୍ଷଣର ପର୍ବ, ପରବରାଣୀ ରଜ ଉତ୍ସବର ପୂର୍ବ ମହକ ଆଉ ନଥିବା ପରି ମନେହେଉଥିବା ବେଳେ ୨୦୦୦ ମସିହାରୁ ନିରବଚ୍ଛିନ୍ନ ଭାବରେ ଅଗ୍ରଣି ସ୍ୱେଚ୍ଛାସେବୀ ସଙ୍ଗଠନ ଅର୍କଶ୍ରୀ ପକ୍ଷରୁ ମା' ଭଗବତୀଙ୍କ ପୀଠରେ ଜୁନ ମାସ ୧୪ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଧୁମ ଧାମରେ ପାଳିତ ହୋଇଥାଏ ରଜଉତ୍ସବ । କିନ୍ତୁ ଗତ ବର୍ଷ ଏବଂ ଚଳିତ ବର୍ଷ ମହାମାରି କରୋନା ପାଇଁ ସରକାରୀ କଟକଣା ଥିବାରୁ ପୂର୍ବ ବର୍ଷମାନଙ୍କ ପରି ଚଳିତବର୍ଷ ପାଳିତ ହେବନାହିଁ ରଜଉତ୍ସବ । ଏଥିପାଇଁ ପ୍ରଶାସନ ପକ୍ଷରୁ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ମା' ଭଗବତୀଙ୍କ ପୀଠ ଓ ଚନ୍ଦ୍ରଭାଗା ବେଳାଭୂମୀରେ ୧୪୪ଧାରା ଲାଗୁ କରାଯାଇଛି । ରଜ ଉତ୍ସବ ପାଳନ ସମୟରେ ଏଠରେ ଲକ୍ଷାଧିକ ଜନ ସମାଗ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ।

## ମାଇକ୍ରୋଫାଇନାନ୍ସ ଶିଳ୍ପ ତରଫରୁ ଅଭାବନୀୟ ସମୟରେ ଏହାର ସମ୍ମୁଖ ଯୋଦ୍ଧାଙ୍କୁ ସହାୟତା

ଭୁବନେଶ୍ୱର: ମାଇକ୍ରୋଫାଇନାନ୍ସ କ୍ଷେତ୍ର ସାରା ଭାରତରେ ୬ କୋଟି ନିମ୍ନ ଆୟ ବର୍ଗର ମହିଳାଙ୍କୁ ଲଘୁ ଋଣ ସେବା ପ୍ରଦାନ କରୁଛି । ବିଭିନ୍ନ ପ୍ରକାରର ମାଇକ୍ରୋଫାଇନାନ୍ସ ସଂସ୍ଥା ଯଥା ଏନବିଏଫ୍‌ସି-ଏମ୍‌ଏଫ୍‌ଆଇ, ବ୍ୟାଙ୍କ, ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବିସି ଓ ଏନ୍‌ବିଏଫ୍‌ସି ଆଦିଗୁଡ଼ିକରେ ୪ ଲକ୍ଷରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତ । ମହାମାରୀ ସତ୍ୱେ ଏହି କ୍ଷେତ୍ରର କର୍ମଚାରୀମାନେ କ୍ଷେତ୍ର ସ୍ଥଳରେ ହି ଗ୍ରାମୀଣ ଋଣଗ୍ରହୀତାଙ୍କ ସହ ରହିଥିବା ବେଳେ ସେମାନଙ୍କୁ ମାର୍ଗଦର୍ଶନ କରୁଛନ୍ତ ଏବଂ କୋଭିଡ୍ ୧-୯କୁ ନେଇ ସରକାର ଜାରି କରିଥିବା ପ୍ରୋଟୋକଲ୍ ଓ ଋଣ ରିଲିଫ୍ ବିଷୟରେ ଅବଗତ କରୁଛନ୍ତ । ଭାରତର ଅପହଂଚ ଅଞ୍ଚଳରେ ଋଣ ସେବା ପ୍ରଦାନ କରୁଥିବରୁ ସେମାନଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଭାବେ ପ୍ରଶଂସା କରାଯାଉଛି । ଏହି କ୍ଷେତ୍ରର ଷ୍ଟାଫ୍ ଓ ସମ୍ମୁଖ ଯୋଦ୍ଧାମାନେ ନିର୍ବାହ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ସେମାନଙ୍କ ଓ ସେମାନଙ୍କ ପରିବାରର ସୁରକ୍ଷା ଓ କଲ୍ୟାଣ ପାଇଁ ଶିଳ୍ପ ତରଫରୁ ଅନେକ ପ୍ରକାର ଅଭିଯାନ ହାତକୁ ନିଆଯାଇଛି ।ଏହି ଅନିଶ୍ଚିତତା ସମୟରେ ସେମାନଙ୍କୁ ସାହାଯ୍ୟ କରିବା ଲାଗି ବିଭିନ୍ନ ପ୍ରକାର କୋଭିଡ୍ ନୀତି ଓ ପ୍ୟାକେଜ୍ ଘୋଷଣା କରାଯାଇଛି । ସେମାନଙ୍କ ପାଇଁ ନମନୀୟ କର୍ମ ସମୟ ଲାଗୁ କରାଯାଇଥିବା ବେଳେ ଠିକ୍ ସମୟରେ ଦରମା ଓ ଭତା ଆଦି ଦିଆଯାଉଛି । ସାଟିନ୍ କେୟାର ପକ୍ଷରୁ କର୍ମଚାରୀଙ୍କ ପରିବାର ବୀମା ପାଇଁ ସାଟିନ୍ ସହଯୋଗ ପଲିସି ଉପସ୍ଥାପନ କରାଯାଇଛି । ଏଥିରେ କର୍ମଚାରୀଙ୍କ ମୃତ୍ୟୁ ହେଲେ ମେଡିକ୍ଲେମ୍, ନିଯୁକ୍ତି ଓ ଶିକ୍ଷା ଆଦି ସୁବିଧା ମିଳିବ । କୋଭିଡ୍ ପଜିଟିଭ୍ ଚିହ୍ନଟ ହେଲେ ୧୫ ଦିନର ଦରମା ଯୁକ୍ତ ଛୁଟି ମିଳିବ । ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ପକ୍ଷରୁ ଆରୋହରଣ ସ୍ୱାସ୍ଥ୍ୟ ପରାମର୍ଶ ଅଭିଯାନ ଆରମ୍ଭ କରାଯାଇଛି ଯେଉଁଥିରେ ମେଡିକାଲ୍ ପ୍ରାକ୍ଟିସନରଙ୍କ ସହ ପରାମର୍ଶ ପ୍ରଦାନ କରିବାର ସୁବିଧା ଦିଆଯାଉଛି ।

## ମହାପ୍ରଭୁ ତୁଳସୀକ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ବନ୍ଦ ନକରିବାକୁ ଜିଲ୍ଲାର ସାଧୁସନ୍ଥଙ୍କ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ



କେନ୍ଦ୍ରାପଡ଼ା: ରାଜ୍ୟ ସରକାର ମହପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶ୍ରୀକ୍ଷେତ୍ର ପୁରୀରେ ହେବ ବୋଲି ଘୋଷଣା କରି ଆଶ୍ୱସ୍ତ କରିଥିବା ବେଳେ, ଆଉ କେଉଁଠି ହେବନି, ସେହି ନ୍ୟାୟରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡାରେ ମହାବାହୁ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ହେବନାହିଁ ବୋଲି କହି କେନ୍ଦ୍ରାପଡା ଜନସାଧାରଣଙ୍କୁ ଅତଙ୍କିତ କରିଛନ୍ତି । ବାର୍ଷିକ ନୀତିକାନ୍ତିର ଅଂଶବିଶେଷ ଭାବେ ନିଜ ବଡଦାଣ୍ଡରେ ରଥଯାତ୍ରା କେବଳ ପୁରୀ ଶ୍ରୀଜଗନ୍ନାଥଙ୍କର ନୁହେଁ କେନ୍ଦ୍ରାପଡାର ଶ୍ରୀବଳଦେବଜୀଉଙ୍କର ମଧ୍ୟ ସମାନ ପରମ୍ପରାରେ ଅନୁଷ୍ଠିତ ହୁଏ । ଏପରି ସ୍ଥଳେ କେନ୍ଦ୍ରାପଡା ରଥଯାତ୍ରା ବନ୍ଦ କରିବା ନିଷ୍ପତି ଯେଉଁମାନେ ନେଉଛନ୍ତି ସେମାନେ କିଏ ? ସ୍ୱାସ୍ଥ୍ୟ ବିଶେଷଜ୍ଞ, କର୍ମକାଣ୍ଡବିତ୍ , ବିଦ୍ୱାନ୍ ,ସଂସ୍କୃତି ବିଶେଷଜ୍ଞ, ପ୍ରଚ୍ଛଦରେ ଥିବା ରାଜନେତା ନା' ଜନସେବୀ ସାଧାରଣ ପ୍ରଶାସକ ? କରୋନା ସଂକ୍ରମଣ ଓ ନିୟନ୍ତ୍ରଣ ଜନସଂପୃକ୍ତି ଆଧାରିତ । ଅତଏବ ଗତବର୍ଷ ଏଭଳି ଭୁଲ ନିଷ୍ପତିକୁ ସର୍ବୋଚ୍ଚ ନ୍ୟାୟାଳୟ ପରିବର୍ତ୍ତନ କରି ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନୀତିକାନ୍ତିକୁ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ଇସ୍ପାତ ଓ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନଭାବନା ଅନୁରୂପ ସକ୍ରୀୟ ଭୂମିକା ଉଦାହରଣୀୟ ଥିଲା । ଅବଶ୍ୟ କୋଭିଡ ନିୟମ ପାଳନ ସହିତ ସୀମିତ ଲୋକଙ୍କ ସଂପୃକ୍ତିରେ ଯାହା ସଫଳତାର ସହିତ ସଂମ୍ପନ୍ନ ହୋଇ ସରକାର ବହାବା ନେଇଥିଲେ । କ'ଣ ସବୁସମାନ ପ୍ରସଙ୍ଗରେ ନିଷ୍ପତି ପାଇଁ ସର୍ବୋଚ୍ଚ ଅଦାଲତକୁ ଯିବାକୁପଡିବ ନିଜର ମୌଳିକ ଅଧିକାର ସାବ୍ୟସ୍ତ କରିବାକୁ ? ଯଦି ସେପରି କଥା , ଗତ ବର୍ଷ ଅହମ୍ମଦାବାଦ ରଥଯାତ୍ରା, ଯାଜପୁରରେ ମା ବିରଜାଙ୍କ ରଥଯାତ୍ରା ଓ ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ପାଇଁ ନିଷ୍ପତି କ'ଣ ଅଦାଲତରୁ ଆସିଥିଲା ନା ବିବେକପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାରୁ ? ମୁଁ ସେତେବେଳେ ଓ ଆଜିବି ଧନ୍ୟବାଦ ଦେଉଛି ସେଠାକାର ସ୍ଥାନୀୟ ଜନପ୍ରତିନିଧି ପ୍ରଣବ ବାବୁ ଓ ଅଶୋକ ବାବୁଙ୍କୁ ଯେଉଁମାନେ ମହାମାରୀ ସମୟର ବିଧିନିଷେଧ ଅନୁପାଳନ ପୂର୍ବକ ସ୍ଥାନୀୟ ଜନତାର ମୌଳିକ ଧାର୍ମିକ ଅଧିକାର , ଭାବନା ଓ ସଂସ୍କୃତିକୁ ସମ୍ବର୍ଦ୍ଧନ କରିବାର ଉଦାହରଣ ଛାଡିଯାଇଛନ୍ତି । ଏଦିଗରେ ଆମ ଜନପ୍ରତିନିଧିମାନଙ୍କ ଠାରୁ ସେଭଳି ସକ୍ରିୟ ଦାୟିତ୍ୱପୂର୍ଣ୍ଣ ଭୂମିକା ଅପେକ୍ଷା କରାଯାଏ । ସତରେ କ'ଣ ସରକାରଙ୍କ ଏହି ନିଷେଧ ଆଜ୍ଞା ଜଗତର ସବୁସ୍ଥାନରେ ଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଠାକୁରଙ୍କୁ ବନ୍ଧା ନା କଣ ? ଲାଇସେନ୍ସ ପାଇଥିବା ନିଶା ଦୋକାନୀ କୋଭିଡ ନିୟମ ମାନି ବେପାର କରିପାରିବ । ମାତ୍ର କର୍ମକାଣ୍ଡର ନିୟମକୁ ମାନି ଶହ ଶହ ବର୍ଷ ଧରି ଚାଲିଆସିଥିବା ଭକ୍ତମାନେ କୋଭିଡ ନିୟମ ମାନି ରଥଯାତ୍ରାରେ ଚାଲିପାରିବେନି ? ୫ନମ୍ବର (କ) ଜାତୀୟ ରାଜପଥରେ ହଜାର ହଜାର ଟ୍ରକ, ଲରି, ଟ୍ୟାଙ୍କର ସବୁ ସମୟରେ ଯାଆସ କରିପାରିବ । ମାତ୍ର ନିଜ ବଡଦାଣ୍ଡରେ ମାଲିକ ମହାପ୍ରଭୁ ଶ୍ରୀ ବଳିଆରଭୁଜ ନିଜ ଭାଇ ଓ ଭଉଣୀଙ୍କୁ ନେଇ ବ୍ରହ୍ମତାଳଧ୍ୱଜରେ ଯାଇପାରିବେନି ? କଣ ଏଥିପାଇଁ ମୋ ଠାକୁରଙ୍କୁ ପ୍ରତ୍ୟକ୍ଷତାର ପରୀକ୍ଷା ଦେବାକୁ ହେବ ? ବଡଦାଣ୍ଡର ସତ୍ୱାଧିକାର ପଟ୍ଟା ଦେଖାଇବାକୁ ପଡିବ ? ପ୍ୟାରୀ, ପ୍ରଶାନ୍ତଙ୍କ ପୃଷ୍ଠପୋଷକତାରେ ତିଆରି ହୋଇଥିବା ମନ୍ଦିର ସହିତ ଧାଡିରେ ଛିଡାହେବାକୁ ପଡିବ ପଦ୍ମପୁରାଣ ବର୍ଣ୍ଣିତ ମୋଗଲ ବିଧ୍ୱଂସିତ, ମରହଟ୍ଟା ନିର୍ମିତ ତୁଳସୀ କ୍ଷେତ୍ରର ମନ୍ଦିରକୁ ? ପ୍ରାଚୀନତା, ପୌରାଣିକ ପୃଷ୍ଠଭୂମି, ଆଧ୍ୟାତ୍ମିକ ସ୍ୱତନ୍ତ୍ରତା ଓ କ୍ଷେତ୍ରୀୟମାନ୍ୟତା ଦୃଷ୍ଟିରୁ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ଭଳି ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି କଲାଭଳି ନିଷ୍ପତି ଆଇନଗତ, ସମ୍ବିଧାନଗତ, ସଂସ୍କୃତିଗତ ଓ ଦେବାଧିକାରଗତ ତଥା ଜନଭାବନା ବିରୋଧି । ଏପରି ସ୍ଥଳେ ସରକାର ନିଜର ବେଆଇନ ତଥା ଅସମ୍ବିଧାନିକ ନିଷ୍ପତି ପ୍ରତ୍ୟାହାରକରି କୋଭିଡ ଅନୁରୂପ ବିଧିନିଷେଧ ସହିତ କେନ୍ଦ୍ରାପଡା ତୁଳସୀକ୍ଷେତ୍ର କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ପାଳନରେ ସ୍ୱସୃଷ୍ଟ ବାଧା ଦୂରକରନ୍ତୁ । ଅନ୍ତତଃ କେନ୍ଦ୍ରାପଡା ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରେ ପ୍ରତିନିଧି ଓ ଲୋକସଭାକ୍ଷେତ୍ରର ସାଂସଦ ଏବଂ ସବୁଦଳର ବରିଷ୍ଠ ନେତୃମଣ୍ଡଳୀ ଏଦିଗରେ ଜନତା ଓ ସ୍ଥାନୀୟ ଅସ୍ମିତା ପ୍ରତିଥିବା ନିଜର ସକରାତ୍ମକ ଉତ୍ତରଦାୟିତ୍ୱ ନିର୍ବାହ କରିବାପାଇଁ ବାବାଜୀ ଗଙ୍ଗାଧର ଦାସ, ମହନ୍ତ ପରାସର ଦାସ, ବାବାଜୀ ହୃଷିକେଶ ଦାସ,ସ୍ୱାମୀ ବିଶ୍ୱରୁପାନନ୍ଦ ଗିରି, ଶ୍ରୀବନ୍ତ ଦାସ, ଅଧିକାରୀ ଅଚ୍ୟୁତାନନ୍ଦ ଦାସ, ଗୋବିନ୍ଦ ଦାସ, ନରୋତ୍ତମ ଦାସ, ମହନ୍ତ ଅଭୟ ଦାସ, ବାବାଜୀ ବିଶ୍ୱମ୍ଭର ଦାସ, ଅରବିନ୍ଦ ଦାସ, ପ୍ରଶନ୍ନ କୁମାର ପ୍ରତିହାରୀ, ବ୍ରହ୍ମଚାରୀ ଅନାଦି ଦାସ ପ୍ରମୁଖ ବିନମ୍ର ନିବେଦନ କରିଛନ୍ତି । ଏହି ନିବେଦନ ପତ୍ରର ନକଲ କେନ୍ଦ୍ରାପଡା ସାଂସଦ, ଜିଲ୍ଲାର ସମସ୍ତ ବିଧାୟକ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray